CMYK

- Vol.- 46, Issue No. 183
- Friday, 02 October 2026
- ଶୁକ୍ରବାର,୦୨ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com





## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0103

15001/103/2627





## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ । ନିଜର ନୀତି ଓ ନୈତିକତା, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ତାଙ୍କ ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ଯୁଗେ ଯୁଗେ ବିଶ୍ୱ ପାଇଁ ପ୍ରାସଙ୍ଗିକ ।

ଆସନ୍ତୁ, ତାଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତାର ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ନିଜ ନିଜର ଯୋଗଦାନ ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

Government of India

## ଗାନ୍ଧୀ ଜୀ ଏବଂ ଶାସ୍ତ୍ରୀ ଜୀଙ୍କୁ ତାଙ୍କ ଜୟନ୍ତୀରେ କୃତଜ୍ଞ ରାଷ୍ଟ୍ରର କୋଟି କୋଟି ପ୍ରଣାମ



୨ ଅକ୍ଟୋବର, ୨୦୨୬

ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀରେ, ରାଷ୍ଟ୍ର ଏହି ଦୁଇ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି, ଯେଉଁମାନେ ନିଜ ଜୀବନକୁ ରାଷ୍ଟ୍ର ସେବାରେ ସମର୍ପି ଦେଇଥିଲେ ।

"ଗାନ୍ଧୀ ଜୀ ସାହସ, ନମ୍ରତା, ସେବା ଓ କରୁଣା ଶକ୍ତିର ମାର୍ଗ ଦେଖାଇଥିବା ବେଳେ ଶାସ୍ତ୍ରୀ ଜୀଙ୍କ ଜୀବନ ଓ ନେତୃତ୍ୱ ଏକ ସଶକ୍ତ ଏବଂ ଆତ୍ମନିର୍ଭର ରାଷ୍ଟ୍ର ନିର୍ମାଣ ଲାଗି ଅନୁପ୍ରାଣିତ କରିଥାଏ ।"

- ନରେନ୍ଦ୍ର ମୋଦୀ



CBC 63101/13/0015/2627

CMYK

# ଦ୍ରୌପଦୀଙ୍କ ମୃତ୍ୟୁ



ମହାଭାରତରେ ଅନେକ ରୋଚକ କାହଣୀ ଅଜଣା ହୋଇ ରହିଯାଇଛି । ଯାହା ଜାଣିଲେ ସାଧାରଣ ଲୋକଟିର ଲୋମ ମଧ୍ୟ ଟାଙ୍କୁରି ଉଠିବା ଥୟ । ରହସ୍ୟମୟ କାହାଣୀର ଅନେକ ରହସ୍ୟ ଆଜି ବି ଅଜଣା । ସମସ୍ତେ ମହାଭାରତ ବିଷୟରେ ବହୁତ ଭଲରେ ଜାଣିଥିବେ ଏବଂ ଦ୍ରୌପଦୀ ଏମିତି ଗୋଟିଏ ଚରିତ୍ର ଯାହା ଏହାର ମୁଖ୍ୟ କେନ୍ଦ୍ର ଥିଲେ, ମହାଭାରତ ଯୁଦ୍ଧ ମଧ୍ୟ ତାଙ୍କର ସମ୍ମାନ ରକ୍ଷାର୍ଥେ ହୋଇଥିଲା ବୋଲି ମାନ୍ୟତା ରହିଛି । ଏହା ଧର୍ମ ଓ ଅଧର୍ମର ଯୁଦ୍ଧ ଥିଲା । ତେବେ ଜାଣିଥିବେ ଯେ ପାଣ୍ଡବମାନେ ମୋକ୍ଷ ପାଇଁ ଯାତ୍ରା କରିଥିଲେ ଓ ଅନ୍ତିମ ସମୟରେ ଭାରତର ହିମାଳୟରେ ତାଙ୍କୁ ମେରୁ ପର୍ବତରେ ସ୍ୱର୍ଗ ରାସ୍ତା ମିଳିଥିଲା । ତେବେ ପର୍ବତ ଆରୋହଣ ସମୟରେ ସର୍ବପ୍ରଥମେ ଦ୍ରୌପଦୀଙ୍କ ମୃତ୍ୟୁ ହୋଇଥିଲା । କାହିଁକି ... ମହାଭାରତ ଯୁଦ୍ଧରେ ବହୁତ ଲୋକଙ୍କ ଜୀବନ ହରାଇବା କଥା ଜାଣି ପାଣ୍ଡବ ନିଜ ବିଜୟର ଖୁସି ମଧ ବାଣ୍ଟି ପାରିଲେ ନାହିଁ । ଯଦୁବଂଶୀମାନଙ୍କରାଜ୍ୟ ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହୋଇଯାଇଥିଲା । ଫଳରେ ସେତେବେଳେ ଯୁଧିଷ୍ଠିରଙ୍କ ମଧ୍ୟ ମନ ଖରାପ ହୋଇଥିଲା । ସେ ରାଜ୍ୟ ଏବଂ ସିଂହାସନ ତ୍ୟାଗ କରିଥିଲେ । ରାଜ୍ୟ ତ୍ୟାଗ କରି ବନକୁ ଯିବାକୁ ସେ ମନସ୍ଥ କରିଥିଲେ । ସେତେବେଳେ ତାଙ୍କ ସହ ଦ୍ରୌପଦୀ ଏବଂ ଅନ୍ୟ ଭାଇ ମଧ ଗଲେ । ପରୀକ୍ଷିତଙ୍କୁ ସେ ରାଜା କରି ମୋକ୍ଷ ପାଇଁ ବାହାରିଥିଲେ । ଏହା ପରେ ପାଣ୍ଡବ ପୃଥିବୀ ପରିକ୍ରମା କରିବା ଉଦ୍ଦେଶ୍ୟରେ ନିଜ ଯାତ୍ରା ଆରମ୍ଭ କଲେ । ତେବେ ଏହି ଯାତ୍ରା ସମୟରେ ସେ ବେଦବ୍ୟାସ ଋଷିଙ୍କ ଅନୁମତିରେ ଉତ୍ତର ଦିଗଠାରୁ ଯାତ୍ରା ଆରମ୍ଭ କଲେ । ଯାହା ବହୁତ ଦିନ ପର୍ଯ୍ୟନ୍ତ ଚାଲିଥିଲା । ସେମାନେ ନଦୀ, କୂଅ, ପାହାଡ ପାରି କରି ଆସିବା ପରେ ସେ ହିମାଳୟ ପହଞ୍ଚିଲେ । ସେଠାରୁ ମେରୁ ପର୍ବତ ଆରୋହଣ ବେଳେ ସର୍ବ ପ୍ରଥମେ ଦ୍ରୌପଦୀ ପଡି ଗଲେ ଓ ତାଙ୍କ ମୃତ୍ୟୁ ହୋଇ ଗଲା । ଯୁଧିଷ୍ଠିରଙ୍କୁ ଭୀମ ପଚାରିଲେ ଦ୍ରୌପଦୀ କ'ଣ ପାପ କରିଥିଲେ ଯେ ତାଙ୍କ ମୃତ୍ୟୁ ସର୍ବପ୍ରଥମେ ହୋଇଛି । ଏହା ଶୁଣି ଯୁଧିଷ୍ଠିର କହିଥିଲେ ଯେ ଦ୍ରୌପଦୀଙ୍କୁ ବରଦାନ ଥିଲା ଯେ ସେ କେବେ ବିଧବା ହେବେନି, ଯଦି ଆମ ଭିତରୁ କେହି ବି ଆଗ ମରିବ ତେବେ ସେ ବିଧବା ହୋଇଯାଇ ଥାଆନ୍ତେ । ସେଥିପାଇଁ ତାଙ୍କର ମୃତ୍ୟୁ ପ୍ରଥମେ ହୋଇଥିଲା । କିଛି ସମୟ ପରେ ସହଦେବଙ୍କ ମୃତ୍ୟୁ ଘଟିଥିଲା ।



# ସପ୍ତମୀ ଶ୍ରାଦ୍ଧ



ସପ୍ତମୀ ଶ୍ରାଦ୍ଧହେଉଛି ପିତୃପକ୍ଷ ସମୟରେ ପିତୃପୁରୁଷଙ୍କ ଆତ୍ମାର ସଦ୍ଗତି ଓ ଶାନ୍ତି ପାଇଁ କରାଯାଉଥିବା ଏକ ପବିତ୍ର ରୀତିନୀତି । ଯେଉଁ ପୂର୍ବପୁରୁଷମାନେ ଶୁକ୍ଳ ବା କୃଷ୍ଣ ପକ୍ଷର ସପ୍ତମୀ ତିଥିରେ ମୃତ୍ୟୁବରଣ କରିଥାନ୍ତି, ଏହି ଦିନ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ତର୍ପଣ ଅର୍ପଣ କରାଯାଏ । ଚଳିତ ପିତୃପକ୍ଷରେ, ସପ୍ତମୀ ଶ୍ରାଦ୍ଧ ଅକ୍ଟୋବର ୨, ଶୁକ୍ରବାର ଦିନ ପଡୁଛି ।

## ସପ୍ତମୀ ଶ୍ରାଦ୍ଧର ମୁଖ୍ୟ ରୀତିନୀତି ଓ ବିଧି

ଓଡ଼ିଆ ପରମ୍ପରା ଅନୁଯାୟୀ, ଶ୍ରାଦ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ଶୁଦ୍ଧପୂତ ଏବଂ ନିଷ୍ଠାର ସହ ସମ୍ପନ୍ନ କରାଯାଏ:

**ସଙ୍କଳ୍ପ:** ଘରର କର୍ତ୍ତା ଶୁଦ୍ଧ ବସ୍ତ୍ର ପରିଧାନ କରି ଦକ୍ଷିଣ ଦିଗକୁ ମୁହଁ କରି ବସନ୍ତି । ହାତରେ ଜଳ, କୁଶ ଏବଂ କଳାତିଲ ରଖି ପିତୃପୁରୁଷଙ୍କ ନାମ, ଗୋତ୍ର ଓ ତିଥି ଉଚ୍ଚାରଣ କରି ସଙ୍କଳ୍ପ କରନ୍ତି ।

**ତର୍ପଣ :** ତମ୍ବା ପାତ୍ରରେ ପବିତ୍ର ଜଳ, କଳାତିଲ, ଗଙ୍ଗାଜଳ ଏବଂ ଜଅ ମିଶାଇ ପିତୃପୁରୁଷଙ୍କୁ ତୃପ୍ତ କରିବା ପାଇଁ ଜଳଦାନ କରାଯାଏ ।



**ପିଣ୍ଡ ଦାନ:** ଅରୁଆ ଅନ୍ନ (ବା ଅଟା), କଳାତିଲ, ମହୁ ଓ ଘିଅକୁ ମିଶାଇ ପିଣ୍ଡ ପ୍ରସ୍ତୁତ କରାଯାଏ । ଓଡ଼ିଆ ରୀତିରେ ଏହି ପିଣ୍ଡକୁ କଦଳୀ ପତ୍ର କିମ୍ବା ବରଗଛ ପତ୍ର ଉପରେ ରଖି ପିତୃପୁରୁଷଙ୍କୁ ସମର୍ପଣ କରାଯାଏ ।

**ବ୍ରାହ୍ମଣ ଭୋଜନ:** ଶ୍ରାଦ୍ଧ ଦିନ ସମ୍ପୂର୍ଣ୍ଣ ସାତ୍ତ୍ୱିକ ଅନ୍ନ ପ୍ରସ୍ତୁତ ହୁଏ । ବିନା ପିଆଜ-ରସୁଣ ଏବଂ ବିନା ମସୁର ଡାଲିରେ ଅରୁଆ ଅନ୍ନ, ଡାଲମା, ଶାଗ, ବିଭିନ୍ନ ପ୍ରକାରର ପରିବା ଭଜା ଏବଂ ପାୟସ (ଖିରି) ପ୍ରସ୍ତୁତ କରାଯାଇ ବ୍ରାହ୍ମଣଙ୍କୁ ସାଦରେ ଭୋଜନ କରାଯାଏ ଓ ଦକ୍ଷିଣା ଦିଆଯାଏ ।



# ମା' ଜଗତଜନନୀ

ଓଡ଼ିଶାରେ ମା' ଦୁର୍ଗାଙ୍କ ପୂଜା ଓ ରୀତିନୀତି ଅତ୍ୟନ୍ତ ପ୍ରାଚୀନ, ସ୍ୱତନ୍ତ୍ର ଏବଂ ନିଷ୍ଠାପୂର୍ଣ୍ଣ। ଓଡ଼ିଆ ପରମ୍ପରାରେ ମା' ଦୁର୍ଗାଙ୍କ ଆରାଧନା କେବଳ ୫ ଦିନର ସାର୍ବଜନୀନ ପୂଜା ମଧ୍ୟରେ ସୀମିତ ନଥାଏ, ବରଂ ଏହା ଦୀର୍ଘ ୧୬ ଦିନ ଧରି ଚାଲୁଥିବା ଏକ ଆଧ୍ୟାତ୍ମିକ ମହୋତ୍ସବ।

**୧. ଷୋଡ଼ଶ ଦିନାତ୍ମକ ପୂଜା (୧୬ ଦିନର ପୂଜା)**

ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ (ଯେପରିକି ପୁରୀର ମା' ବିମଳା, ଯାଜପୁରର ମା' ବିରଜା, କାକଟପୁରର ମା' ମଙ୍ଗଳା ଏବଂ କଟକର ମା' ଚଣ୍ଡୀ) ମାନଙ୍କରେ ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିଠାରୁ ମା'ଙ୍କର ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥାଏ। ଏହାକୁ ଷୋଡ଼ଶ ଦିନାତ୍ମକ ପୂଜା କୁହାଯାଏ. ଏହି ୧ ଦିନ ମଧ୍ୟରେ ମା'ଙ୍କୁ ପ୍ରତିଦିନ ଭିନ୍ନ ଭିନ୍ନ ସ୍ୱରୂପରେ ସଜ୍ଜିତ କରାଯାଏ।

**୨. ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଓ ମାଟି ଅନୁକୂଳ**

ରଥଯାତ୍ରା କିମ୍ବା ଜନ୍ମାଷ୍ଟମୀ ତିଥିରୁ ଶ୍ରଦ୍ଧାଳୁ ଓ କାରିଗରମାନେ ପବିତ୍ର ନଦୀଘାଟରୁ ମାଟି ଆଣି ମା'ଙ୍କ ମୂର୍ତ୍ତି ଗଢ଼ିବା ପାଇଁ ଅନୁକୂଳ କରିଥାନ୍ତ। ଏହି ମୂର୍ତ୍ତି ଗଠନରେ ୧୦ ପ୍ରକାରର ପବିତ୍ର ମାଟି ବ୍ୟବହାର କରାଯାଏ. ମହାଳୟା ଦିନ ମା'ଙ୍କ ଆଖିରେ ରଙ୍ଗ ଦିଆଯାଏ, ଯାହାକୁ 'ଚକ୍ଷୁ ଦାନ' କୁହାଯାଏ।

**୩. ବିଲ୍ୱ ଅଧିବାସ ଓ ବୋଧନ (ଷଷ୍ଠୀ ତିଥି)**

ଶାରଦୀୟ ଦୁର୍ଗାପୂଜାର ମୁଖ୍ୟ ପର୍ବ ମହାଷଷ୍ଠୀ ତିଥିରୁ ଆରମ୍ଭ ହୁଏ. ଏହି ଦିନ ସନ୍ଧ୍ୟାରେ ବିଲ୍ୱ ଅଧିବାସ (ବେଲ ଗଛ ମୂଳେ ପୂଜା) ଏବଂ ମା'ଙ୍କର ବୋଧନ (ଜାଗରଣ) ରୀତି ସମ୍ପନ୍ନ କରାଯାଏ। ଏହା ପରେ ମା'ଙ୍କୁ ପାଣ୍ଡାଲ ବା ମଣ୍ଡପକୁ ଆବାହନ କରାଯାଏ।

**୪. ନବପତ୍ରିକା ପ୍ରବେଶ ଓ ଚଣ୍ଡୀପାଠ (ସପ୍ତମୀ)**

ମହାସପ୍ତମୀ ଦିନ ସୂର୍ଯ୍ୟୋଦୟ ସମୟରେ କଦଳୀ ଗଛ ସହିତ ୯ ପ୍ରକାରର ଗଛର ପତ୍ରକୁ (ନବପତ୍ରିକା) ପବିତ୍ର ଜଳରେ ସ୍ନାନ କରାଇ, ନୂଆ ଶାଢ଼ୀ ପିନ୍ଧାଇ ମଣ୍ଡପକୁ ଅଣାଯାଏ. ଏହାକୁ ମା'ଙ୍କର ପ୍ରତୀକ ଭାବେ ପୂଜା କରାଯାଏ। ଏହି ଦିନଠାରୁ ମଣ୍ଡପଗୁଡ଼ିକରେ ଅଖଣ୍ଡ ଦୀପ ସ୍ଥାପନ ସହ ଶାସ୍ତ୍ରୀୟ ଚଣ୍ଡୀପାଠ ଜୋରସୋରରେ ଚାଲେ।

**୫. କୁମାରୀ ପୂଜା ଓ ସନ୍ଧି ପୂଜା (ଅଷ୍ଟମୀ)**

ମହାଷ୍ଟମୀ ହେଉଛି ପୂଜାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନ।

**କୁମାରୀ ପୂଜା:** ଏହି ଦିନ ଛୋଟ କନ୍ୟାମାନଙ୍କୁ ସାକ୍ଷାତ ମା' ଦୁର୍ଗାଙ୍କ ସ୍ୱରୂପ ମାନି ସେମାନଙ୍କ ପାଦ ଧୋଇ, ପୂଜା କରାଯାଏ ଓ ଭୋଜନ ଦିଆଯାଏ।

**ସନ୍ଧି ପୂଜା:** ମହାଷ୍ଟମୀ ତିଥିର ଶେଷ ୨୪ ମିନିଟ୍ ଏବଂ ମହାନବମୀ ତିଥିର ପ୍ରଥମ ୨୪ ମିନିଟ୍‌କୁ ମିଶାଇ 'ସନ୍ଧି ମୁହୂର୍ତ୍ତ' କୁହାଯାଏ। ଏହି ସମୟରେ ମା' ଚାମୁଣ୍ଡା ରୂପ ଧାରଣ କରି ଚଣ୍ଡ ଓ ମୁଣ୍ଡ ନାମକ ଅସୁରଙ୍କୁ ବଧ କରିଥିଲେ। ଏହି ମୁହୂର୍ତ୍ତରେ ମା'ଙ୍କୁ ୧୦୮ଟି ପଦ୍ମଫୁଲ ଏବଂ ୧୦୮ଟି ଦୀପ ଅର୍ପଣ କରାଯାଇ ମହାରତୀ କରାଯାଏ

**୬. ମହାନବମୀ ହୋମ ଓ ବଳିଦାନ**

ନବମୀ ତିଥିରେ ମଣ୍ଡପରେ ମହାନବମୀ ହୋମ ବା ଯଜ୍ଞ ଅନୁଷ୍ଠିତ ହୁଏ, ଯେଉଁଥିରେ ପୂର୍ଣ୍ଣାହୁତି ଦିଆଯାଏ। କେତେକ ପ୍ରାଚୀନ ଶକ୍ତିପୀଠରେ ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାତ୍ତ୍ୱିକ ବଳିଦାନ (ଲାଉ, ପାଣିକଖାରୁ ବା କଦଳୀ ବଳି) ଦିଆଯାଇଥାଏ।

**୭. ସିନ୍ଦୂର ଖେଳ ଓ ଭସାଣି ଯାତ୍ରା (ବିଜୟା ଦଶମୀ)**

ଦଶମୀ ଦିନ ମା' ମହିଷାସୁରମର୍ଦ୍ଦିନୀଙ୍କର ବିଜୟ ଉତ୍ସବ ପାଳନ କରାଯାଏ।

**ସିନ୍ଦୂର ଖେଳ:** ମହିଳାମାନେ ମା'ଙ୍କ ପାଦରେ ସିନ୍ଦୂର ଲଗାଇବା ସହ ପରସ୍ପରକୁ ସିନ୍ଦୂର ଲଗାଇ ସୌଭାଗ୍ୟ କାମନା କରନ୍ତି.

**ଭସାଣି ବା ବିସର୍ଜନ:** ମା'ଙ୍କର ମେଲାଣି ସମୟରେ ଓଡ଼ିଶାର ପାରମ୍ପରିକ ବାଦ୍ୟ (ଘଣ୍ଟି, ଶଙ୍ଖ, ଢୋଲ) ସହ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥାଏ ଏବଂ ମୂର୍ତ୍ତିକୁ ପବିତ୍ର ନଦୀ କିମ୍ବା ପୁଷ୍କରିଣୀରେ ବିସର୍ଜନ କରାଯାଏ। କେତେକ ସ୍ଥାନରେ ଏହି ଦିନ ସନ୍ଧ୍ୟାରେ ରାବଣ ପୋଡ଼ି ଉତ୍ସବ ମଧ ଦେଖିବାକୁ ମିଳେ।



# ଏ ସଂସାରରେ ବ୍ରହ୍ମଜ୍ଞାନୀ ସନ୍ଥ
# ଜନ୍ମନେବା ବିରଳ



ଜଣେ ସନ୍ଥ ଏକ ହଜାର ଅସାଧୁଙ୍କୁ ମଧ ସନ୍ଥ କରିଦେଇପାରେ । କିନ୍ତୁ ଏକ ହଜାର ସଂସାରୀ ମିଶିଲେ ଜଣଙ୍କୁ ମଧ ସନ୍ଥ କରିପାରିବେ ନାହିଁ । ସନ୍ଥ ହେବା ସହଜ କଥା ନୁହେଁ କିମ୍ବା ଏହା ଥଟ୍ଟମଜାର ପ୍ରସଙ୍ଗ ନୁହେଁ । ଜଣେ ସନ୍ଥ ଅନେକ ମୋହଗ୍ରସ୍ତ ମନୁଷ୍ୟଙ୍କର ଉଦ୍ଧାର କରିପାରେ । ପାପୀ ମନୁଷ୍ୟଙ୍କ ହୃଦୟ ପରିବର୍ତ୍ତନ କରି ସେମାନଙ୍କୁ ପୁଣ୍ୟବନ୍ତ କରିପାରେ । ଅଭାଗାଙ୍କ ଭାଗ୍ୟ ସୁଧାରିପାରେ । ନାସ୍ତିକଙ୍କୁ ଆସ୍ତିକ କରିପାରେ । ଅଭକ୍ତଙ୍କୁ ଭକ୍ତରେ ପରିଣତ କରିଦେଇପାରେ । ଦୁଃଖୀଲୋକଙ୍କୁ ଶାନ୍ତି ଦେଇପାରେ ଏବଂ ଶାନ୍ତ ଲୋକଙ୍କୁ ପରମାନନ୍ଦର ଅନୁଭୂତି କରାଇପାରେ । ଥରେ ରାଜା ସୁକ୍ଷେଣ କୌଣସି ଏକ ସ୍ଥାନକୁ ନୌକାରେ ଯାଉଥିଲେ । ରାଜାଙ୍କ ସହ ଥିଲେ ତାଙ୍କର ଏକମାତ୍ର ପୁତ୍ର, ରାଣୀ ଏବଂ ଗୁରୁ ମହାରାଜ । ଯାତ୍ରା କରିବା ସମୟରେ ହଠାତ୍ ଝଡ଼ ଆସିଲା । ସେମାନେ ବସିଥିବା ନୌକା ବୁଡ଼ିବା ସ୍ଥିତିକୁ ଆସିଯାଇଥିଲା । ସମସ୍ତଙ୍କ ପ୍ରାଣ ସଂକଟରେ ପଡ଼ିଗଲା । ରାଜା ସୁକ୍ଷେଣ ଖୁବ୍ ଜୋର୍‌ରେ ଚିଲ୍ଲାଇବାକୁ ଲାଗିଲେ- "ବଞ୍ଚାଅ... ଗୁରୁ ମହାରାଜଙ୍କୁ ବଞ୍ଚାଅ... ଆଉ କିଛି ନହେଲା ନାହିଁ, କେବଳ ଗୁରୁ ମହାରାଜଙ୍କୁ ବଞ୍ଚାଅ... ।" ରାଜା ବାରମ୍ବାର ଏହି ଚିତ୍କାର ଦୋହରାଇବାକୁ ଲାଗିଲେ । ଥରେ ବି ହେଲେ ନିଜକୁ, ରାଜକୁମାରଙ୍କୁ କିମ୍ବା ରାଣୀଙ୍କୁ ବଞ୍ଚାଇବା ଲାଗି କହିଲେ ନାହିଁ । ସୌଭାଗ୍ୟକୁ ନୌକା କୂଳରେ ଲାଗିଗଲା । ନୌକା ଚଳାଉଥିବା ନାବିକ ପଚାରିଲା, ମହାରାଜ ! ଆପଣ ନିଜକୁ, ରାଣୀଙ୍କୁ ଏବଂ ରାଜକୁମାରଙ୍କୁ ବଞ୍ଚାଇବା ଲାଗି ଥରେ ହେଲେ ବି କାହିଁକି କହିଲେନି ? କେବଳ ଗୁରୁଜୀଙ୍କୁ ବଞ୍ଚାଅ... ବୋଲି ବାରମ୍ବାର କାହିଁକି କହୁଥିଲେ ? ରାଜା କହିଲେ, ମୋ ଭଳି ଅନେକ ରାଜା ମିଳିଯିବେ । ମୋ ପରେ ସେମାନେ ରାଜଗାଦିରେ ବସିଯିବେ । ରାଣୀ ଏବଂ ଉତ୍ତରାଧିକାରୀ ମଧ ମିଳିଯିବେ । କିନ୍ତୁ ହଜାର ହଜାର ପ୍ରଜାଙ୍କ ହୃଦୟରେ ରହୁଥିବା ବ୍ରହ୍ମଜ୍ଞାନୀ ସନ୍ଥ ରାଜଗୁରୁଙ୍କର କିଛି ହୋଇଯାଇଥିଲେ ନାନା ସମସ୍ୟା ଉପୁଜିଥାଆନ୍ତା । ସେଥିପାଇଁ ମୁଁ ଗୁରୁବରଙ୍କୁ ବଞ୍ଚାଇବା ଲାଗି କହୁଥିଲି । ରାଜା ସନ୍ଥଙ୍କ ମହିମା ଜାଣିଥିଲେ । ସନ୍ଥଙ୍କ ବାଣୀରେ ଲୋକଙ୍କୁ ଶାନ୍ତି ଲାଭ ହୋଇଥାଏ । ସନ୍ଥଙ୍କ ଦର୍ଶନ ଦ୍ୱାରା ସମାଜରେ ପୁଣ୍ୟର ଭାର ବୃଦ୍ଧି ପାଇଥାଏ । ସେମାନେ ସାଧାରଣ ମନୁଷ୍ୟ ଭଳି ଦିଶୁଥିଲେ ବି ମହାପୁରୁଷଙ୍କ ଭଳି ମହାନ କାର୍ଯ୍ୟ କରିଥାନ୍ତି । ବ୍ରହ୍ମଜ୍ଞାତା ସନ୍ଥଙ୍କ ଆଦର କରିବା ଦ୍ୱାରା ମାନବ ସମାଜର କଲ୍ୟାଣ ହୋଇଥାଏ । ଜ୍ଞାନର ଆଦର ଦ୍ୱାରା ବାସ୍ତବିକ ବିକାଶ ସମ୍ଭବ ହୋଇଥାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ସଂସାରରେ ବ୍ରହ୍ମଜ୍ଞାନୀ ସନ୍ଥ ଜନ୍ମନେବା ବିରଳ । ସମୟ ବ୍ୟବଧାନରେ ଈଶ୍ୱରଙ୍କ ସତ୍ତା ଧାରଣ କରି ଏଭଳି ସନ୍ଥ ଜନ୍ମ ନେଇଥାନ୍ତି । ସମାଜରେ ସନ୍ଥଙ୍କ ଭଳି ଦିଶୁଥିବା କିମ୍ବା ସନ୍ଥ ହେବାର ଅଭିନୟ କରୁଥିବା ଅନେକ ଲୋକ ତ' ମିଳିଯିବେ । କିନ୍ତୁ ସମସ୍ତେ ଯେ ସନ୍ଥଙ୍କ ଭଳି ଆଚରଣ କରୁଥିବେ ତାହା ଭାବିବା ଭୁଲ ।



ସନ୍ଥଙ୍କ ବାଣୀରେ ଲୋକଙ୍କୁ ଶାନ୍ତି ଲାଭ ହୋଇଥାଏ । ସନ୍ଥଙ୍କ ଦର୍ଶନ ଦ୍ୱାରା ସମାଜରେ ପୁଣ୍ୟର ଭାର ବୃଦ୍ଧି ପାଇଥାଏ । ସେମାନେ ସାଧାରଣ ମନୁଷ୍ୟ ଭଳି ଦିଶୁଥିଲେ ବି ମହାପୁରୁଷଙ୍କ ଭଳି ମହାନ କାର୍ଯ୍ୟ କରିଥାନ୍ତି ।

# ଫୁଲ ବିନା ପୂଜା ସମ୍ପନ୍ନ ନୁହେଁ

ହିନ୍ଦୁ ଧର୍ମରେ ବିଭିନ୍ନ ଫୁଲର ବିଶେଷ ଗୁରୁତ୍ୱ ରହିଛି । କୌଣସି ଧାର୍ମିକ କାର୍ଯ୍ୟ ହେଉ କି ପୂଜାପାଠ, ଫୁଲ ବିନା କାର୍ଯ୍ୟ ସମ୍ପନ୍ନ ସମ୍ଭବ ନୁହେଁ । ଶାସ୍ତ୍ରରେ ଲେଖା ରହିଛି, ଦେବସ୍ୟ ମସ୍ତକମ୍ କୁର୍ଯାତ୍କୁସୁମୋପହିତଂ ସଦା । ଏହାର ଅର୍ଥ ଦେବାଦେବୀଙ୍କ ମସ୍ତକରେ ସର୍ବଦା ପୁଷ୍ପରେ ସୁଶୋଭିତ ହେବା ଆବଶ୍ୟକ । ଦେବତାଙ୍କୁ ତାଙ୍କ ପସନ୍ଦର ଫୁଲ ମିଳିଲେ ସେ ପ୍ରସନ୍ନ ହୁଅନ୍ତି ବୋଲି ମାନ୍ୟତା ରହିଛି । ଫଳରେ ସମସ୍ତ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ । ହିନ୍ଦୁ ଗ୍ରନ୍ଥ ଅନୁଯାୟୀ ତୁଳସୀଜଟାକୁ ଛାଡ଼ି ଭଗବାନ ଗଣେଶଙ୍କୁ ସମସ୍ତ ପ୍ରକାର ଫୁଲ ପସନ୍ଦ । ଏହାକୁ ନେଇ ପଦ୍ମପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି । ଗଣେଶଙ୍କ ନିକଟରେ ଦୁବ ଅର୍ପଣ କରିବାର ନୀତି ରହିଛି । ଏହା ଗଣେଶଙ୍କ ଅତି ପ୍ରିୟ । ୫ ପାଖୁଡ଼ା ଦୁବ ହୋଇଥିବା ଅତି ପ୍ରସନ୍ନ ହୁଅନ୍ତି ଭଗବାନ ଗଣେଶ । ଭଗବାନ ଶିବଙ୍କୁ ଧଳା ଫୁଲ ଖୁବ ପସନ୍ଦ । ଯେମିତି ଦୁଦୁରା ଫୁଲ, ଗଙ୍ଗଶିଉଳି ଫୁଲ, ନାଗକେଶରୀ ଫୁଲ ପ୍ରଭୃତି ଭଗବାନଙ୍କ ନିକଟରେ ଲାଗି କରାଯାଏ । ଖାଲି ସେତିକି ନୁହେଁ, ଅରଖ, କନିଅର ଭଳି ଫୁଲ ମଧ ଖୁବ ପସନ୍ଦ କରନ୍ତି ଭଗବାନ ଶଙ୍କର । ଭଗବାନ ସୂର୍ଯ୍ୟ ନରାୟଣଙ୍କୁ ପଦ୍ମ, କନିଅର, ଚମ୍ପା, ପଳାସ, ଅଶୋକ ଆଦି ଫୁଲ ପସନ୍ଦ । ଶ୍ରୀକୃଷ୍ଣଙ୍କୁ ମାଳତୀ, କଇଁ, ପଳାସ ଓ ଅରଖ ଆଦି ଫୁଲ ପସନ୍ଦ ଥାଏ । ମହାଭାରତରେ ଯୁଧିଷ୍ଠିରଙ୍କୁ ଫୁଲ ବିଷୟ କହିଥିବା ନେଇ ପୁରାଣରେ ଉଲ୍ଲେଖ ରହିଛି । ମାତା ପାର୍ବତୀଙ୍କ ସେ ସମସ୍ତ ଫୁଲ ପସନ୍ଦ ଯାହା ଭଗବାନ ଶଙ୍କରଙ୍କ ନିକଟରେ ଲାଗି ହୋଇଥାଏ । ଏହାଛଡ଼ାଙ୍କ ମାତାଙ୍କ ମସ୍ତକରେ ଧବଳ ପଦ୍ମ, ପଳାସ ଫୁଲ ବି ଲାଗି କରାଯାଏ । ମା ଲକ୍ଷ୍ମୀଙ୍କ ସବୁଠାରୁ ପ୍ରିୟ ଫୁଲ ହେଉଛି ପଦ୍ମ ଫୁଲ । ହଳଦିଆ ପଦ୍ମରେ ପୂଜା କଲେ ମାଆଙ୍କ ବିଶେଷ କୃପା ଦୃଷ୍ଟି ରହିଥାଏ ବୋଲି କୁହାଯାଏ । ଖାଲି ସେତିକି ନୁହେଁ ଗୋଲାପ ଫୁଲରେ ବି ମାଆଙ୍କ ପୂଜା କରାଯାଇଥାଏ । ମାଆ ଦୁର୍ଗାଙ୍କୁ ପ୍ରସନ୍ନ କରିବାକୁ ହେଲେ ଗୋଲାପ ଫୁଲ ନେଇ ପୂଜା କରନ୍ତୁ । ମାଆଙ୍କ କୃପା ହେଲେ ସୁଖ ସମୃଦ୍ଧି ସହ ନକାରାତ୍ମକ ଶକ୍ତି ପାଖ ମାଡ଼ିନଥାଏ । ଶନିଦେବଙ୍କୁ ନୀଳ ରଙ୍ଗ ଫୁଲରେ ପୂଜା କରନ୍ତୁ ।



CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 46, Issue No. 183
- Friday, 02 October 2026
- ଶୁକ୍ରବାର, ୦୨ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ପ୍ରଣମ୍ୟ ।

## ଭିଆରଏସ୍ ପାଇଁ ଆବେଦନ କଲେ ଓଡ଼ିଶାର ସିଇଓ ଆରଏସ୍ ଗୋପାଳନ୍



ଭୁବନେଶ୍ୱର,୧।୧୦: ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍. ଗୋପାଳନ୍ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ୨୦୦୧ ବ୍ୟାଚ୍‌ର ଏହି ବରିଷ୍ଠ ଅଧିକାରୀ ଜଣକ ବ୍ୟକ୍ତିଗତ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସେ ଜୁଲାଇ ୨୦୨୪ରୁ ଓଡ଼ିଶାର ସିଇଓ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କ ପାଖରେ ଅବକାରୀ ବିଭାଗ ସଚିବଙ୍କ ଅତିରିକ୍ତ ଦାୟିତ୍ୱ ମଧ୍ୟ ରହିଛି। ଗୋପାଳନ୍‌ଙ୍କ ଚାକିରି ସମୟସୀମା ଜୁନ୍ ୨୦୨୮ରେ ଶେଷ ହେବାର ଥିଲା। ଅର୍ଥାତ୍ ନିର୍ଦ୍ଧାରିତ ଅବସରର ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ସେ ଭିଆରଏସ୍ ପାଇଁ ଆବେଦନ କରିଛନ୍ତି। ତେବେ ତାଙ୍କର ଏହି ଆବେଦନ ଉପରେ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ।

### ମହାନଦୀ ଜଳବିବାଦ

ଦିଲ୍ଲୀ ବୈଠକ ପରେ ମୋହନ ମାଝୀଙ୍କ ବଡ଼ ସୂଚନା

# ସମାଧାନର ବାଟ ଫିଟୁଛି



ଅନେକ ଦିନ ଧରି ମହାନଦୀର ଜଳର ବ୍ୟବହାର ଓ ଆବଣ୍ଟନକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବିବାଦ ଚାଲିଛି। ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ଏବଂ ଟ୍ରିବ୍ୟୁନାଲ୍ ମଧ୍ୟ ଗଠନ କରାଯାଇଛି । ଉଭୟ ରାଜ୍ୟର ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ସମାଧାନର ଆଶା ମଧ୍ୟ ସ୍ପଷ୍ଟଦେଖାଯାଉ ନଥିଲା। ସମ୍ପ୍ରତି ଏହି ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ହସ୍ତକ୍ଷେପ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀ କର୍ତ୍ତବ୍ୟ ଭବନରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ହୋଇଛି। ମହାନଦୀ ଆମର ଜୀବନ ରେଖା । ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନଜୀବିକାର ପନ୍ଥା ହେଉଛି ମହାନଦୀ । ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଯୋଗାଣ, ପର୍ଯ୍ୟାବରଣ ଆଦି ଅନେକ ବିଷୟରେ ସେ ବୈଠକରେ ଉପସ୍ଥାପନ କରିଛନ୍ତି । ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ବୈଠକରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଧିରେ ଧିରେ ସମାଧାନର ନିକଟତର ହେଉଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ, ଡବଲ ଇଞ୍ଜିନ ସରକାରରେ ଦେଶ ଓ ରାଜ୍ୟର ବିକାଶ ଯେପରି ତ୍ୱରାନ୍ୱିତ ହେଉଛି, ରାଜ୍ୟ ମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ମଧ୍ୟ ପଥ ଉନ୍ମୁକ୍ତ ହେଉଛି। ଏହି ସମାଧାନ ବାକି ସବୁ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ଡିସ୍‌ପ୍ୟୁଟ ରିଜୋଲ୍ୟୁସନ୍ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେ କହିଛନ୍ତି, ଏଥିପାଇଁ ହୋଇଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ୨୦୨୫ ଜୁଲାଇ-ଅଗଷ୍ଟରେ ଆମ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳ ସମ୍ପଦ ସଚିବ ସ୍ତରରେ ଅନେକ ବୈଠକ ହୋଇଯାଇଛି। ଗତ ଜୁଲାଇ ମାସରେ ଜଳ ଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା । ଜୁଲାଇ ମାସର ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ରାଜ୍ୟର ଆବଶ୍ୟକତା ସମ୍ପର୍କରେ ସେଣ୍ଟ୍ରାଲ୍ ୱାଟର୍ କମିଶନ୍‌ଙ୍କୁ ବିଭିନ୍ନ ପ୍ରସଙ୍ଗ, ତଥ୍ୟ ଓ ସୂଚନା ପ୍ରଦାନ କରାଯାଉଛି । ତିନି ମାସ ମଧ୍ୟରେ ସମାଧାନର ପନ୍ଥା ବାହାର କରିବା ପାଇଁ ସେହି ବୈଠକରେ ଆପାତତଃ ସ୍ଥିର ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ମଧ୍ୟରେ ଦୁଇ ମାସ ବିତିଗଲାଣି ଏବଂ ଆଶାନୁରୂପ ଅଗ୍ରଗତି ହୋଇଛି ।

### ପିକନିକ୍ ପାଇଁ ଯାଇଥିଲେ

## ସମୁଦ୍ରରେ ବୁଡ଼ି ୮ ଛାତ୍ରଙ୍କ ସଲିଳ ସମାଧି

ରାୟଗଡ଼,୧।୧୦: ପିକ୍‌ନିକ୍ ପାଇଁ ଯାଇଥିବା ପୁଣେର ଆଳନ୍ଦୀ ଅଞ୍ଚଳର ଏକ କଲେଜର ଛାତ୍ରମାନେ ଭୟଙ୍କର ଦୁର୍ଘଟଣାର ସାମ୍ନା କରିଛନ୍ତି। ଗାଧୋଇବା ସମୟରେ ସମୁଦ୍ରରେ ବୁଡ଼ିଯାଇ ୮ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ୱାଟର ସ୍ପୋର୍ଟସ ପରିଚାଳକ ଏବଂ ତାଙ୍କର ଟିମ୍ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ପୁଣେର ଆଳନ୍ଦୀ ଅଞ୍ଚଳରୁ ଏକ କଲେଜର ଛାତ୍ରମାନେ ଦିବେଆଗର ପହଞ୍ଚି ଥିଲେ। ଛାତ୍ରଗୋଷ୍ଠୀ ସମୁଦ୍ରର ଆନନ୍ଦ ନେବା ପାଇଁ ପାଣି ଭିତରେ ପ୍ରବେଶ କରିଥିଲେ। ଏହି ସମୟରେ ସମୁଦ୍ରର ଢେଉ ଏବଂ ଗଭୀର ପାଣି ଭିତରେ ପଶି ଯାଇଥିଲେ। ସମୁଦ୍ରର ବଡ଼ ଲହରି ସେମାନଙ୍କୁ ଭସାଇ ନେଇଥିଲା। ଏହି ଖବର ଚାରିଆଡ଼େ ପ୍ରଚାର ହେଲା ପରେ ଉପସ୍ଥିତ ଲୋକେ ବିଚଳିତ ହୋଇ ପଡ଼ିଥିଲେ। ପର୍ଯ୍ୟଟକମାନେ ଭୟଭୀତ ହୋଇ ଯାଇଥିଲେ। ଭାଉ ମାରୁତି ସାଲୁଙ୍ଖେ ମହାକାଳୀ ୱାର୍ଟ ସ୍ପୋର୍ଟସ ପରିଚାଳକ ଭାଉ ମାରୁତି ସାଲିଙ୍ଖେ ଏବଂ ତାଙ୍କର ଟିମ୍ ତୁରନ୍ତ ପହଞ୍ଚି ଥିଲେ। ସେମାନେ ନିଖୋଜ ଛାତ୍ରମାନଙ୍କୁ ଖୋଜିବାରେ ନିୟୋଜିତ ହୋଇଥିଲେ। ଶେଷରେ ୮ ଜଣ ଛାତ୍ରଙ୍କର ମୃତଦେହ ଉଦ୍ଧାର ହୋଇଥିଲା।

### ଓଏମସି-ବେଦାନ୍ତ ବକ୍ସାଇଟ୍ ବିବାଦ

## ବେଦାନ୍ତ ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,୧।୧୦(ନିପ୍ର): ଓଡ଼ିଶା ମିନେରାଲ୍ସ କର୍ପୋରେସନ୍ ଏବଂ ବେଦାନ୍ତ ମଧ୍ୟରେ ବହୁଦିନରୁ ଚାଲିଥିବା ବକ୍ସାଇଟ୍ ଆଇନଗତ ବିବାଦର ଅନ୍ତ ଘଟିଛି। ପୂର୍ବ ଚୁକ୍ତିକୁ ପୁନଃ ଲାଗୁ କରିବାକୁ ଦାବି କରି ବେଦାନ୍ତ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏହାସହ ୨୦୧୫ ମସିହାରେ ଓଏମସି ପକ୍ଷରୁ ଏହି ଯୌଥ ଉଦ୍ୟୋଗ ଚୁକ୍ତିକୁ ବାତିଲ କରାଯାଇଥିବା ନିଷ୍ପତ୍ତିକୁ ହାଇକୋର୍ଟ କାଏମ ରଖିଛନ୍ତି। ବକ୍ସାଇଟ୍ ଉତ୍ତୋଳନ ଏବଂ ଯୋଗାଣ ପାଇଁ ୨୦୦୪ ମସିହାରେ ଓଏମସି ଏବଂ ତତ୍କାଳୀନ ଷ୍ଟର୍ଲାଇଟ୍ (ବର୍ତ୍ତମାନର ବେଦାନ୍ତ) ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏହି ଯୌଥ ଉଦ୍ୟୋଗ ବ୍ୟବସ୍ଥା ଅଧୀନରେ ବେଦାନ୍ତର ଓଡ଼ିଶା ସ୍ଥିତ ଆଲୁମିନିୟମ୍ ପ୍ରକଳ୍ପକୁ ବକ୍ସାଇଟ୍ ଯୋଗାଇବାର ବ୍ୟବସ୍ଥା ଥିଲା। ବେଦାନ୍ତର ଯୁକ୍ତି ଥିଲା ଯେ, ସେହି ଚୁକ୍ତି ଏବଂ ପ୍ରତିଶ୍ରୁତି ଉପରେ ଭରସା କରି କମ୍ପାନୀ ରାଜ୍ୟରେ କୋଟି କୋଟି ଟଙ୍କା ନିବେଶ କରିଛି। ତେବେ ଚୁକ୍ତିର ସର୍ତ୍ତ ଖିଲାପ ହେଉଥିବା ଏବଂ କମ୍ପାନୀ ନିଜର ଦାୟିତ୍ୱ ଠିକ୍ ଭାବେ ପାଳନ କରୁନଥିବା ଦର୍ଶାଇ ୨୦୧୫ ସେପ୍ଟେମ୍ବରରେ ଓଏମସି ଏହି ଯୌଥ ଉଦ୍ୟୋଗ ଚୁକ୍ତିକୁ ବାତିଲ କରିଦେଇଥିଲା। ଓଏମସିର ଏହି ନିଷ୍ପତ୍ତିକୁ ବିରୋଧ କରି ବେଦାନ୍ତ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ୨୦୧୫ର ବାତିଲ ନିଷ୍ପତ୍ତିକୁ ଯଥା ସମୟରେ ଏବଂ ସଫଳତାର ସହ ଚ୍ୟାଲେଞ୍ଜ କରାଯାଇ ନଥିଲା, ଯାହା ବର୍ତ୍ତମାନ ଚୂଡ଼ାନ୍ତ ହୋଇସାରିଛି। ଏତେ ବର୍ଷ ପରେ ପୁରୁଣା ଯୌଥ ଉଦ୍ୟୋଗ ଚୁକ୍ତିକୁ ପୁନର୍ଜୀବିତ କରି ସେ ଆଧାରରେ କୌଣସି ଅଧିକାର ଦାବି କରାଯାଇପାରିବ ନାହିଁ।

## କେନ୍ଦୁଗୁଡ଼ାରେ ଶିକ୍ଷକଙ୍କ ମାଡ଼ରେ ଛାତ୍ର ମୃତ !

ଜୟପୁର,୧।୧୦: ଶିକ୍ଷକଙ୍କ ମାଡ଼ରେ ଛାତ୍ର ମୃତ୍ୟୁ। ଏଭଳି ଅଭିଯୋଗ ଆସିଛି ଜୟପୁର ନିକଟସ୍ଥ ରଣ୍ଡାପାଲି ପଂଚାୟତର କେନ୍ଦୁଗୁଡା ଗାଁରୁ । ଶିକ୍ଷକଙ୍କ ମାଡ଼ରେ ପଞ୍ଚମ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଚିକିତ୍ସାଧିନ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛାତ୍ରଙ୍କର ମୃତ୍ୟୁ ହୋଇଛି । ମୃତ ଛାତ୍ର ଜଣଙ୍କ ହେଲେ କେନ୍ଦୁଗୁଡା ଗାଁର ଗଙ୍ଗା ଜାନି । ତାଙ୍କ ବାପା ଟିନୁ ଜାନିଙ୍କ ଅଭିଯୋଗ ଅନୁସାରେ, ହଷ୍ଟେଲରେ ପ୍ରଧାନଶିକ୍ଷକ ତାଙ୍କ ପୁଅକୁ ମାଡ଼ ମାରିଥିଲେ। ଛାତ୍ର ଜଣଙ୍କ ଗଡପଦର ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ୨ଦିନ ତଳେ ତାଙ୍କୁ ପ୍ରଧାନ ଶିକ୍ଷକ ମାଡ ମାରିଥିଲେ। ଛାତ୍ର ଜଣଙ୍କ ଅସୁସ୍ଥ ହୋଇ ଘରକୁ ଚାଲି ଯାଇଥିଲେ। ଛାତ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପରିବାର ଲୋକ । କେଉଁ ପରିସ୍ଥିତିରେ ଏଭଳି ଘଟଣା ହେଲା ତାର ତଦନ୍ତ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

## ନିୟମିତ ହେଲେ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୧।୧୦: କନିଷ୍ଠ ଶିକ୍ଷକଙ୍କ ପାଇଁ ସରକାରଙ୍କ ବଡ ଘୋଷଣା। କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କୁ ସରକାର ନିୟମିତ ଘୋଷଣା କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ୨୦୨୩-୨୪ ବର୍ଷରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କୁ ନିୟମିତ କରାଯିବ । ଏହି ଶିକ୍ଷକମାନଙ୍କୁ ଏଲିମେଣ୍ଟାରୀ କ୍ୟାଡରର ସହକାରୀ ଶିକ୍ଷକ ଲେଭଲ୍-୦(ଇ) ପଦରେ ନିୟମିତ କରାଯାଇଛି। ୨୦୨୬ ଜାନୁଆରୀ ୧ରୁ ଏହା ଲାଗୁ ହେବ। ଏହି ପିଛିଲା ତାରିଖରୁ ନିୟମିତ ଦରମା ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବେ। ତେବେ ନିୟମିତ ଘୋଷଣା ପୂର୍ବରୁ ଯେଉଁ ସମୟ ପର୍ଯ୍ୟନ୍ତ ସେମାନେ ସ୍କିମାଟିକ୍/ଚୁକ୍ତିଭିତ୍ତିକ କ୍ଷମତାରେ କାର୍ଯ୍ୟ କରିଥିଲେ, ସେହି ସମୟକୁ ନିୟମିତ ସେବା ଭାବେ ଗଣନା କରାଯିବ ନାହିଁ । ଏହି ସମୟ ପାଇଁ ନିୟମିତ ସିନିୟରିଟି କିମ୍ବା ଅନ୍ୟ କୌଣସି ନିୟମିତ ସେବା ସୁବିଧା ମିଳିବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଦୀର୍ଘ ଦିନ ଧରି କରି ଆସୁଥିବା ଦାବି ପୂରଣ ହୋଇଥିବାରୁ କନିଷ୍ଠ ଶିକ୍ଷକଙ୍କ ମହଲରେ ଖୁସି ଦେଖାଦେଇଛି।

## ପାଇଲଟ ସ୍ୱିତ ମଛରଙ୍କୁ ସଲାମ କଲା ସାରା ବିଶ୍ୱ

■ ମୋଦି କହିଲେ, ହିରୋ ■ ମିଳିବ ବିଶିଷ୍ଟ ଗୁଜରାଟ ଗରିମା ସମ୍ମାନ



ନୂଆଦିଲ୍ଲୀ,୧।୧୦: ଦୁବାଇରୁ ଇସ୍ରାଏଲ ଯାଉଥିବା ଫ୍ଲାଇଦୁବାଇ ବିମାନରେ କଥିତ ଅପହରଣ ଉଦ୍ୟମକୁ ପ୍ରତିହତ କରିବାରେ ଭୂମିକା ନେଇଥିବା ଭାରତୀୟ କ୍ୟାପଟେନ ସ୍ୱିତ ମଛରଙ୍କ ସାହସକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ କ୍ୟାପଟେନ ମଛର ଯେଉଁ ସାହସ ଓ ଦୃଢ଼ତା ଦେଖାଇଛନ୍ତି, ତାହାକୁ ମୋଦି ପ୍ରଶଂସା କରିଛନ୍ତି। କେବଳ ମୋଦି ନୁହେଁ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଡୋନାଲ୍ଡ ଟ୍ରମ୍ପ ମଧ୍ୟ ମଛରଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ପୋଷ୍ଟ କରି କ୍ୟାପଟେନ ମଛରଙ୍କୁ 'ହିରୋ' ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ସାହସ ଯୋଗୁ ଶହ ଶହ ଯାତ୍ରୀଙ୍କ ଜୀବନ ରକ୍ଷା ପାଇବା ସହ ଏକ ବଡ଼ ଦୁର୍ଘଟଣା ଟଳିଥିବା ମୋଦି କହିଛନ୍ତି। ଭାରତକୁ କ୍ୟାପଟେନ ମଛରଙ୍କ ପାଇଁ ଗର୍ବିତ ବୋଲି କହିବା ସହ ତାଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି। ରିପୋର୍ଟ ଅନୁସାରେ, ଫ୍ଲାଇଦୁବାଇର ରତ ୧୦୭୩ ବିମାନର କକପିଟ୍‌ରେ ଏକ ଗୁରୁତର ଘଟଣା ଘଟିଥିଲା। ଓମାନର ଜଣେ ପାଇଲଟ କଥିତ ଭାବେ ବିମାନକୁ ଅପହରଣ କରି ଦୁର୍ଘଟଣାଗ୍ରସ୍ତ କରିବାକୁ ଉଦ୍ୟମ କରିଥିବା ରିପୋର୍ଟ ଆସିଛି। ଏହି ସମୟରେ ଦୁଇ ପାଇଲଟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। କ୍ୟାପଟେନ ସ୍ୱିତ ମଛରଙ୍କ ଉପରେ ଛୁରିରେ ଆକ୍ରମଣ ହୋଇଥିବା ଏବଂ ସେ ଗୁରୁତର ଆହତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଆହତ ହୋଇଥିଲେ ମଧ୍ୟ କ୍ୟାପଟେନ ମଛର କକପିଟ୍‌ର ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ। ଏହାପରେ ବିମାନରେ ଥିବା ଯାତ୍ରୀମାନେ କକପିଟ ଭିତରକୁ ପ୍ରବେଶ କରି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସହାୟତା କରିଥିବା କୁହାଯାଇଛି। ଫ୍ଲାଇଦୁବାଇ ବିମାନରେ ନିଜ ଜୀବନକୁ ବିପଦରେ ପକାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ରକ୍ଷା କରିଥିବା ଭାରତୀୟ ପାଇଲଟ୍ ସ୍ୱିତ ମଛାରଙ୍କ ପାଇଁ ରାଜ୍ୟ ପୁରସ୍କାର ଘୋଷଣା କରିଛନ୍ତି ଗୁଜରାଟ ସରକାର । ତାଙ୍କର ଅସାଧାରଣ ସାହସ ଓ ମାନବିକ କାର୍ଯ୍ୟ ପାଇଁ ତାଙ୍କୁ ଗୁଜରାଟ ଗରିମା ସମ୍ମାନ ପ୍ରଦାନ କରାଯିବ । ଏହି ସମ୍ମାନ ସହିତ ତାଙ୍କୁ ୨୫ ଲକ୍ଷ ଟଙ୍କା ଓ ଏକ ପୁରସ୍କାର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଘୋଷଣା କରିଛନ୍ତି । ସ୍ୱିତ ମଛାର ବର୍ତ୍ତମାନ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ରହିଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ଦୁବାଇ ଏୟାରଲିଫ୍ଟ ନିଆଯାଇଛି । ତାଙ୍କ ଶୀଘ୍ର ସୁସ୍ଥତା ପାଇଁ ଦେଶର ବିଭିନ୍ନ ସ୍ଥାନରେ ପ୍ରାର୍ଥନା ଓ ପୂଜାର୍ଚ୍ଚନା କରାଯାଉଛି ।

## ଖଣି କେଲେଙ୍କାରୀ ନେଇ ସିଏଜି ରିପୋର୍ଟ: ରାଜସ୍ୱ ହାନିକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର,୧।୧୦: କିଛି ମାସର ବ୍ୟବଧାନ ପରେ ପୁଣି ଖଣି କେଲେଙ୍କାରୀକୁ ନେଇ ଚର୍ଚ୍ଚାରେ ଓଡ଼ିଶା। ଏଥର ଖଣି ମାଫିଆଙ୍କ ଅପେକ୍ଷା ଖଣି ବିଭାଗର ନିୟନ୍ତ୍ରଣ, ଯାଞ୍ଚ ଓ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି ସିଏଜି ରିପୋର୍ଟ । ଖଣିଜ ଉତ୍ତୋଳନ, ରୟାଲ୍‌ଟି ଓ ଅନ୍ୟାନ୍ୟ ଦେୟ ଆଦାୟରେ ତ୍ରୁଟି ଯୋଗୁଁ ରାଜ୍ୟ ରାଜସ୍ୱ ହାନିର ସମ୍ମୁଖୀନ ହୋଇଥିବା ସିଏଜି ଅଡିଟ୍‌ରେ ଦର୍ଶାଯାଇଛି । ସିଏଜିର ରିପୋର୍ଟ ଅନୁସାରେ, ଖଣିଜ ରାଜସ୍ୱ ଆକଳନ ଓ ଆଦାୟ ବେଳେ ଅଧିକାରୀ ମାନଙ୍କ ଯାଞ୍ଚ ବ୍ୟବସ୍ଥାରେ ଏକାଧିକ ତ୍ରୁଟି ରହିଥିଲା । କେତେକ କ୍ଷେତ୍ରରେ ରୟାଲ୍‌ଟି ଓ ଅନ୍ୟାନ୍ୟ ଦେୟ ଠିକ୍ ଭାବେ ଆଦାୟ ହୋଇନଥିବା ଅଡିଟ୍‌ରେ ଧରାପଡ଼ିଛି । ରାଜ୍ୟରେ ଖଣିଜ ଉତ୍ତୋଳନ ଓ ରାଜସ୍ୱ ଆଦାୟକୁ ନେଇ ନିୟନ୍ତ୍ରଣ ବ୍ୟବସ୍ଥା କେତେ ପ୍ରଭାବଶାଳୀ, ତାହା ଉପରେ ଏହା ପ୍ରଶ୍ନ ଉଠାଇଛି । ସେପଟେ ଗଡଖର ଦୁଇଟି କୋଇଲା ଖଣି ସମ୍ପର୍କରେ ଉଇଏ ରିପୋର୍ଟରେ ଗୁରୁତର ଅନିୟମିତତା ଦର୍ଶାଯାଇଛି । ୨୦୨୧ରୁ ୨୦୨୩ ମଧ୍ୟରେ ୧ କୋଟି ୧୭ ଲକ୍ଷ ୯୬ ହଜାର ୫୪୦ ଟନ୍ କୋଇଲା ଅନୁମୋଦିତ ସୀମା ବା ବୈଧ ପରିବେଶ ଅନୁମତି ସମ୍ପର୍କିତ ନିୟମ ଉଲ୍ଲଂଘନ କରି ଉତ୍ତୋଳନ ହୋଇଥିବା ଅଡିଟ୍‌ରେ ଉଲ୍ଲେଖ ରହିଛି। ଏଥିପାଇଁ ୯୭୫.୫୭ କୋଟି ଆଦାୟଯୋଗ୍ୟ ବୋଲି ସିଏଜି ଦର୍ଶାଇଛି । ଅନ୍ୟପଟେ କୋଇଲା ଖଣିର ଉତ୍ତୋଳନ ଓ ପରିବେଶ ଅନୁମତିର ବୈଧତା ଯାଞ୍ଚରେ ଖଣି ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ଉଇଏ ପ୍ରଶ୍ନ ଉଠାଇଛି । କେତେକ ମାମଲାରେ ଉତ୍ତୋଳନ ଆଇନସମ୍ମତ କି ନୁହେଁ ଏବଂ ବୈଧତା ଯାଞ୍ଚ ହୋଇନଥିବା ଅଡିଟ୍‌ରେ ଦର୍ଶାଯାଇଛି । ଏହାରି ଭିତରେ ଖଣି ଅଞ୍ଚଳରେ ଅଧିକ ଉତ୍ତୋଳନ, ରୟାଲ୍‌ଟି ଆଦାୟ ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଠିଆ ହୋଇଛି । ରାଜ୍ୟର ଖଣି ଅଞ୍ଚଳରେ ଅଧିକାରୀଙ୍କ ନିୟମିତ ନିରୀକ୍ଷଣ କେତେ ହେଉଛି ଏବଂ ରାଜସ୍ୱ ହାନି ରୋକିବାକୁ କି ପଦକ୍ଷେପ ନିଆଯାଉଛି, ତାହା ଏବେ ଚର୍ଚ୍ଚାରେ । ପ୍ରଶ୍ନ ଉଠୁଛି ଖଣିଜ ରାଜସ୍ୱ ହାନିକୁ ରୋକିବାରେ ବିଭାଗ କେତେ ସଫଳ ଅଧିକ ଉତ୍ତୋଳନ ଓ ନିୟମ ଉଲ୍ଲଂଘନ ଉପରେ ନଜର ରଖିବାରେ କେଉଁଠି ରହୁଛି ତ୍ରୁଟି ସିଏଜି ରିପୋର୍ଟରେ ଦର୍ଶାଯାଇଥିବା ଅନିୟମିତତାର ଦାୟିତ୍ୱ କାହାର ଏବଂ ରାଜସ୍ୱ ହାନି ଭରଣା ପାଇଁ କଣ ପଦକ୍ଷେପ ନିଆଯିବ ଉଇଏ ରିପୋର୍ଟ ପରେ ଏବେ ଖଣି ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ।



## ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ରାଜ୍ୟପାଳ, ରାଜ୍ୟର ବିକାଶ ନେଇ କଲେ ଆଲୋଚନା

ଭୁବନେଶ୍ୱର,୧।୧୦: ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଗୁରୁବାର ସାକ୍ଷାତ କରିଛନ୍ତି।ଏହି ସମୟରେ ରାଜ୍ୟର ବିକାଶ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଛନ୍ତି। ଏହି ସମୟରେ ରାଜ୍ୟପାଳ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।ଓଡ଼ିଶା ଲୋକ ଭବନକୁ ନିକଟରେ ମିଳିଥିବା 'ଆଇଜିବିସି ପ୍ଲାଟିନମ୍ ସାର୍ଟିଫିକେସନ୍' ବିଷୟରେ ମଧ୍ୟ ରାଜ୍ୟପାଳ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଆଲୋଚନାରେ ରାଜ୍ୟର ବିକାଶ ଏବଂ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ପ୍ରସଙ୍ଗ ସ୍ଥାନ ପାଇଥିଲା।ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ମଧ୍ୟରେ ସ୍ମାରକ ଆଦାନପ୍ରଦାନ ହୋଇଥିଲା।

# ଶ୍ରୀଜଗନ୍ନାଥଙ୍କ ଜମି ହଡ଼ପ ଉଦ୍ୟମକୁ ବଡ଼ ଝଟକା !

ଭୁବନେଶ୍ୱର,୧।୧୦: ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମିକୁ ନେଇ ଆସିଛି ବଡ଼ ଖବର। ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ମୂଲ୍ୟବାନ ଜମିର ରେକର୍ଡକୁ ନେଇ ଦୁଇଟି ମାମଲାରେ ରାଜସ୍ୱ ପର୍ଷଦ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିବା ଜଣାପଡ଼ିଛି । କିସମ ପରିବର୍ତ୍ତନ ଓ ନିଜସ୍ୱ ଅଧିକାରର ଦାବିକୁ ନେଇ ବିଷୟ ଯାଇ ପହଞ୍ଚିଲା ଓଡ଼ିଶା ରାଜସ୍ୱ ପର୍ଷଦରେ । ଶେଷରେ ରାଜସ୍ୱ ପର୍ଷଦର ହସ୍ତକ୍ଷେପରେ ମହାପ୍ରଭୁଙ୍କ ଅମୃତ ମଣୋହି ଜମିର ମୂଳ ସ୍ଥିତି ପୁଣି ସ୍ପଷ୍ଟ ହୋଇଛି। ଯେଉଁ ଜମିକୁ ବ୍ୟକ୍ତିଗତ ରେକର୍ଡରେ ନେବାର ଦାବି ହୋଇଥିଲା, ତାହାକୁ ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ କରିବାକୁ ନିର୍ଦ୍ଦେଶ ହୋଇଛି । ମୌଜା ତାଳବଣିଆ, ପୁରୀର ଏହି ଜମି ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଥିବାରୁ ଏହାର ଗୁରୁତ୍ୱ ଅଧିକ । ମାମଲାରେ ଉପଲବ୍ଧ ସାବିକ ରେକର୍ଡରୁ ଜଣାପଡ଼ିଥିଲା ଯେ ସମ୍ପୃକ୍ତ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଅମୃତ ମଣୋହି ସ୍ଥିତିରେ ୧୮୮୯ ମସିହା ସାବିକ ରେକର୍ଡଭୁକ୍ତ ଥିଲା । କିନ୍ତୁ ୨୦୦୨ ମସିହାରେ ଏହି ଜମିର ରେକର୍ଡ ବ୍ୟକ୍ତିଗତ ନାମରେ କରାଯାଇଥିଲା । ଏହା ପରେ ପଞ୍ଜୀକୃତ ବିକ୍ରୟ ଦଲିଲ ମାଧ୍ୟମରେ ଜମି ଅନ୍ୟ ବ୍ୟକ୍ତିଙ୍କ ନାମକୁ ହସ୍ତାନ୍ତର ହୋଇଥିବା ତଥ୍ୟ ମଧ୍ୟ ମାମଲାରେ ଆସିଥିଲା। ଜମିର ମୂଳ ମାଲିକାନା ଓ ପରବର୍ତ୍ତୀ ହସ୍ତାନ୍ତରର ବୈଧତାକୁ ନେଇ ଏହିଠାରୁ ମୁଖ୍ୟ ଆଇନଗତ ପ୍ରଶ୍ନ ଉଠିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଓଡ଼ିଶା ରାଜସ୍ୱ ପର୍ଷଦର ନ୍ୟସ୍ତ, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୩୨ ଅନୁଯାୟୀ ସ୍ୱତଃ ପ୍ରବୃତ୍ତ ଭାବେ, ମାମଲା ଗ୍ରହଣ କରି ସମ୍ପୃକ୍ତ ରେକର୍ଡ ଓ ଦଲିଲଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। ସାବିକ ରେକର୍ଡ, ହାଲ ରେକର୍ଡ, ବିକ୍ରୟ ଦଲିଲ, ଜମିର ଉତ୍ସ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପତ୍ତି ସମ୍ପର୍କିତ ଆଇନଗତ ବ୍ୟବସ୍ଥାକୁ ଏକାଠି ବିଚାର କରାଯାଇଥିଲା। ମାମଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରସଙ୍ଗ ସାମ୍ନାକୁ ଆସିଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୫ର ଧାରା ୧୬(୨) ଅନୁଯାୟୀ, ମନ୍ଦିର କମିଟିର ଦଖଲରେ ଥିବା ଅଚଳ ସମ୍ପତ୍ତିକୁ ବିକ୍ରୟ କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଆବଶ୍ୟକ ପୂର୍ବ-ଅନୁମୋଦନ ଆବଶ୍ୟକ। ଏହି ଆବଶ୍ୟକ ପୂର୍ବ ଅନୁମୋଦନ ଥିବାର ପ୍ରମାଣ ମାମଲାରେ ଉପସ୍ଥାପିତ ହୋଇ ପାରି ନଥିଲା। ରାଜସ୍ୱ ପର୍ଷଦର ବିଚାରରେ, ମୂଳ ହସ୍ତାନ୍ତରର ଆଇନଗତ ବୈଧତା ପ୍ରମାଣିତ ନହେଲେ କେବଳ ପରବର୍ତ୍ତୀ ବିକ୍ରୟ ଦଲିଲ ଦ୍ୱାରା ସେହି ତ୍ରୁଟିକୁ ବୈଧ କରାଯାଇପାରିବ ନାହିଁ। ଏପରିକି ମନ୍ଦିର ପରିଚାଳନା କମିଟିର ସମ୍ମତି କିମ୍ବା ଅନାପତ୍ତି ଥିବା ଦାବି ମଧ୍ୟ ରାଜ୍ୟ ସରକାରଙ୍କ ଆବଶ୍ୟକ ପୂର୍ବ ଅନୁମୋଦନର ବିକଳ୍ପ ହୋଇପାରିବ ନାହିଁ ବୋଲି ଆଇନଗତ ସ୍ଥିତିକୁ ବିଚାର କରାଯାଇଥିଲା। ଫଳରେ ଜମିର ମୂଳ ରେକର୍ଡ ଓ ଏହାର ପରବର୍ତ୍ତୀ ହସ୍ତାନ୍ତର ମଧ୍ୟରେ ଥିବା ତଫାତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ରାଜସ୍ୱ ପର୍ଷଦ ପକ୍ଷରୁ ସମ୍ପୃକ୍ତ ଜମିର ହାଲ ଓ ନଟ୍-ଫାଇନାଲ ରେକର୍ଡକୁ ସାବିକ ରେକର୍ଡ ସହ ସମନ୍ୱୟ ରଖି 'ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ, ମାର୍ଫତ ମନ୍ଦିର ପରିଚାଳନା କମିଟି, ଅମୃତ ମଣୋହି ସ୍ଥିତି'ରେ ରେକର୍ଡ କରିବାକୁ ସମ୍ପୃକ୍ତ ସେଟଲମେଣ୍ଟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି।

CMYK

ତିଥି :(ଷଷ୍ଠୀ): (ମୃଗଶିରା କୃଷ୍ଣ)
ଅମୃତ ବେଳା: ଦିବା ଘ ୬।୨୯ ମଧ୍ୟେ ଘ୭।୧୭ ଗତେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି।। - ଶ୍ରୀମଦ୍ ଭଗବଦ୍ ଗୀତା

# ‘ଜବ୍ ଫିନିସ୍’

ସହ-ପାଇଲଟ୍ ବେଶରେ ବିମାନରେ ଆତଙ୍କବାଦୀ ବି ଉଭା ହୋଇପାରନ୍ତି। କାରଣ ଆତଙ୍କବାଦୀଙ୍କ ରଣକୌଶଳ କେବଳ ଜଳ କି ସ୍ଥଳ ନୁହେଁ, ଆକାଶ ମାର୍ଗରେ ମଧ୍ୟ ପ୍ରକଟିତ ହୋଇପାରେ। ଏପରି ଅଭାବନୀୟ ଘଟଣା ସଦ୍ୟ ଘଟିଛି। ସେପ୍ଟେମ୍ବର ୩୦ରେ ଦୁବାଇରୁ ପ୍ରାୟ ୧୮୦ ଯାତ୍ରୀଙ୍କୁ ନେଇ ଇସ୍ରାଏଲର ତେଲ୍ ଅଭିଭ୍ ଅଭିମୁଖେ ଯାଉଥିବା ଫ୍ଲାଏ ଦୁବାଇ ବିମାନ (ଏଫ୍‌ଜେପି ୧୦୭୩) ପ୍ରାୟ ଅଢେଇ ଘଣ୍ଟା ଧରି ଉଡ଼ାଣ କରିସାରିଥିଲା, ଯେତେବେଳେ ଜୋର୍ଡାନ୍ ଆକାଶ ସୀମାରେ ଉଡୁଥିଲା ଭୟଙ୍କର ସ୍ଥିତି ଉପୁଜିଥିଲା। ତାହା ହେଉଛି କକ୍‌ପିଟ୍‌ରେ ଜଣେ ପାଇଲଟଙ୍କୁ ଅନ୍ୟ ଜଣେ ସହ-ପାଇଲଟ ଅତର୍କିତ ଛୁରାମାଡ଼ ପୂର୍ବକ ରକ୍ତାକ୍ତ କରିଥିଲେ। କକ୍‌ପିଟ୍ ହେଉଛି ବିମାନ ଚାଳନାର ମୁଖ୍ୟ ତଥା ସମ୍ବେଦନଶୀଳ ସ୍ଥଳୀ। ଏପରି ସ୍ଥାନରେ ଜଣେ ସହ-ପାଇଲଟ୍‌ଙ୍କ ଠାରୁ ଆକ୍ରମଣ ଆଦୌ ଆଶା କରାଯାଇପାରେନା। କିନ୍ତୁ ଯେତେବେଳେ ଏପରି ଘଟିଲା, ସେତେବେଳେ ବିମାନ ଚାଳନା କରୁଥିବା ପାଇଲଟ ଜାଣିଲେ ଯେ ଏହା ହାଇଜାକ୍ କିମ୍ବା ଆତଙ୍କବାଦୀ ଆକ୍ରମଣ ଘଟଣା। ଏପରି ସମୟରେ ବିମାନକୁ ମାତ୍ର ୩୦ ସେକେଣ୍ଡରେ ନିୟନ୍ତ୍ରଣ ହରାଇଥିଲା, ଫଳରେ ପ୍ରାୟ ୧୪ହଜାର ଫୁଟ ତଳକୁ ଖସିଯାଇଥିଲା। ଦ୍ରୁତ ପତନ ଫଳରେ ଯାତ୍ରୀମାନେ ଭୟଭୀତ ହେବା ଓ ଅଘଟଣ ଆଶଙ୍କା କରିବା ସ୍ୱାଭାବିକ ଥିଲା। କାରଣ ଜୀବନ ପ୍ରତି ମୂହୁର୍ତ୍ତରେ ମୃତ୍ୟୁର ଛାଇ ଆଚ୍ଛାଦିତ ହୋଇ ରହିଥିଲା। ତେବେ ଯେଉଁ ପାଇଲଟ ଜଣଙ୍କ ଛୁରାମାଡ଼ର ଶିକାର ହୋଇଥିଲେ ସେ ଜଣେ ଭାରତୀୟ। ତ୍ୱରିତ୍ ଭାବରେ ବିମାନ ଅପହରଣ ସଂକ୍ରାନ୍ତ ଜରୁରୀ ସଂକେତ ପଠାଇବା, ସ୍ଥିତି ମୁକାବିଲା ପାଇଁ କକ୍‌ପିଟ୍‌ର ମୁଖ୍ୟ ଦ୍ୱାର ଫିଟାଇବା ଫଳରେ ଅନ୍ୟ କିଛି ଯାତ୍ରୀ ଆକ୍ରମଣକାରୀଙ୍କୁ କାବୁ କରିବା, ପୁଣି ବିମାନକୁ ସୁରକ୍ଷିତ ଭାବରେ ସାଉଦିଆରବର ତାବୁକ ଠାରେ ଜରୁରୀ ଅବତରଣ କରାଇବା, ଆଲୋଚ୍ୟ ପାଇଲଟ ସ୍ମିତ୍ ମାଛରଙ୍କ ଦୃଢ଼ ମନୋବଳ ତଥା ବିପଦକୁ ମୁକାବିଲା କରିବାର ଅପୂର୍ବ ସାହସିକତାକୁ ପ୍ରଦର୍ଶିତ କରେ। ବିମାନ ଉଡ଼ାଣ କ୍ଷେତ୍ରରେ ଏପରି ଦୃଷ୍ଟାନ୍ତ ବିରଳ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହି ପାଇଲଟଙ୍କୁ ଜଣେ ପ୍ରକୃତ ହିରୋ ଭାବରେ ଅଭିହିତ କରିବା ସହ ସାଲ୍ୟୁଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କୁ ହିରୋ ଭାବରେ ବର୍ଣ୍ଣନା କରିବା ସହ ଦେଶର ଗୌରବ ସେ ବଢାଇଥିବା କହି ଢେର୍ ପ୍ରଶଂସା କରିଛନ୍ତି। ଆଲୋଚ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା ଅତ୍ୟନ୍ତ ଗମ୍ଭୀର ବିପଦ ସୃଷ୍ଟି କରିଥିଲା। ଗୁରୁତର କ୍ଷତାକ୍ତ ଅବସ୍ଥାରେ ସ୍ମିତ ଯେଉଁ ଅପୂର୍ବ ସାହସ ବିଶେଷ କରି ଯାତ୍ରୀମାନଙ୍କ ଜୀବନ ରକ୍ଷା କରିବାରେ ବୁଦ୍ଧିମତ୍ତା ତଥା ଦୃଢ ସାହସ ପ୍ରଦର୍ଶନ କଲେ ଏହା କିଛି କମ୍ କଥା ନୁହେଁ। ଉକ୍ତ ସହ-ପାଇଲଟଙ୍କୁ ସାଉଦି ଆରବ ଠାରେ ଗିରଫ କରାଯାଇଛି। ଏପରି ସେ କାହିଁକି ଘଟାଇଲେ ଓ ଆକ୍ରମଣ କରିବା ପଛରେ କାହାର ହାତ ଅଛି, ତାହା ପରେ ଅବଶ୍ୟ ଜଣାପଡ଼ିବ। ତେବେ ଏହା ନିଶ୍ଚିତ ଯେ ବିମାନ ଭିତରେ ଏପରି ଆକ୍ରମଣ ଥିଲା ଜିହାଦି ଆକ୍ରମଣ। ବିମାନଟି ୯।୧୧ପରି ଆତ୍ମଘାତୀ ଘଟଣାରେ ଫସିଥାଆନ୍ତା।

ବିମାନ ଉଡ଼ାଣ କ୍ଷେତ୍ରରେ ପ୍ରାୟ ୧୫ବର୍ଷର ଅଭିଜ୍ଞତା ତଥା ପ୍ରାୟ ୧୦ହଜାର ଘଣ୍ଟା ଏଯାବତ୍ ଉଡ଼ାଣ କରିଥିବା ସ୍ମିତ ମୂଳତଃ ଜଣେ ଟେକ୍ସଟାଇଲ ଇଞ୍ଜିନିୟରିଂର ଜଣେ ଛାତ୍ର ଥିଲେ। ତେବେ ଏକ ଆଭିଏସନ୍ ସେମିନାରରେ ଯୋଗ ଦେବା ପରେ ତାଙ୍କ କ୍ୟାରିଅର୍‌ର ଗତିପଥ ବଦଳିଥିଲା। ଏକ ସାକ୍ଷାତକାରରେ ସେ କହିଛନ୍ତି ‘ କକ୍‌ପିଟ୍‌ରୁ ବାହାରି ଆସିବା ପରେ ମୁଁ ପାଇଲଟ ନ ଥାଏ, କି ଉଡ଼ାଣ ସଂପର୍କରେ ଚର୍ଚ୍ଚା କରିନଥାଏ, ମାତ୍ର ୟୁନିଫର୍ମ ପିନ୍ଧିବା ପରେ ‘ଜବ୍ ଫିନିସ୍’ ମାତ୍ର କରେ। ବାହାରି ଆସିବା ପରେ ସେ ବିଷୟରେ ଚିନ୍ତା କରେ ନାହିଁ। କାରଣ ତାହା ପରେ ଆଉ କେହି ତୁମକୁ ଲୋଡୁଥାନ୍ତି, ସେମାନେ ପିଲା ହୋଇପାରନ୍ତି ଓ ତୁମ ସହ ଖେଳିବାକୁ ଚାହୁଁଥାନ୍ତି।’ ଏ ବକ୍ତବ୍ୟ ଜଣେ କର୍ମଯୋଗୀ ଛଡ଼ା ଆଉ କାହାର ବା ହୋଇପାରେ ! ଏବଂ କର୍ମକ୍ଷେତ୍ର ମଧ୍ୟ ବେଳେ ବେଳେ ଯୁଦ୍ଧ କ୍ଷେତ୍ର ପାଲଟିପାରେ।

# ସ୍ୱ-ରାଜ ଓ ଗଣତନ୍ତ୍ର: ପରସ୍ପରର ପରିପୂରକ

**ଅଧ୍ୟାପକ ଗୋପବନ୍ଧୁ**

“ ଦେଶରେ ‘ସ୍ୱ-ରାଜ’କୁ ହଟାଇ ‘ମୋ-ରାଜ’ ସ୍ଥାପନ ଗଣତନ୍ତ୍ର ପାଇଁ ବିପଦ। ଏହା ଦେଶକୁ ଏକଛାତ୍ରବାଦୀ ଶାସନ ବ୍ୟବସ୍ଥା ଆଡ଼କୁ ନେଇଯିବ। ଏଥିପାଇଁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ମୋ-ରାଜ ଶାସନ ବ୍ୟବସ୍ଥାକୁ ବିରୋଧ କରିବାକୁ ହେବ। ଦଳୀୟ କ୍ଷେତ୍ରରେ ପ୍ରତ୍ୟେକଟି ପଦପଦବୀ ଲୋକମତକୁ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ଣ୍ଣୟ ହେବା ଉଚିତ। ସଂଖ୍ୟାଧିକ ଭାବେ ଯାହାକୁ ଲୋକମାନେ ସମର୍ଥନ କରିବେ ସେହିଁ ପଦାଧିକାରୀ ହେବେ। ଭାଇଭତିଜା ଓ ସ୍ୱଜାତିକୁ ନେଇ ନିଯୁକ୍ତି ହେଲେ ସ୍ୱ-ରାଜ ଭାବନା ଧ୍ୱଂସ ହୁଏ। ହୋଟେଲ ରୁମ ଅଥବା ଅଫିସ ରୁମରେ ବସି ରାଜନୀତି କରିବା ସ୍ୱ-ରାଜ ବିରୋଧୀ। ଜନସାଧାରଣଙ୍କ ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ ହେଉଛି ପ୍ରକୃତ ସ୍ୱ-ରାଜ।

ଗଣତନ୍ତ୍ର ଓ ସ୍ୱରାଜ ପରସ୍ପରର ପରିପୂରକ। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗଣତନ୍ତ୍ର କହିଲେ ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ସ୍ୱରାଜ କହିଲେ ସାଧାରଣ ଜନତାଙ୍କ ନିଜସ୍ୱ ଶାସନ ପ୍ରଣାଳୀକୁ ବୁଝାଏ। ଅନେକ ସମୟରେ ଦେଖାଯାଏ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ସ୍ୱରାଜର କଥା ଉଠେ। ଗଣତନ୍ତ୍ରରେ ଦେଖା ଦେଉଥିବା ତ୍ରୁଟି ବିଚ୍ୟୁତିକୁ ହଟାଇ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ସ୍ୱରାଜର କଥା ଆସେ। ସାଧାରଣ ଜନତାଙ୍କୁ କ୍ଷମତାର ପ୍ରକୃତ ଅଧିକାରୀ ଭାବେ ସ୍ଥାପନ କରାଯିବା ପାଇଁ ପ୍ରଚେଷ୍ଟା ହୁଏ। ବିଭିନ୍ନ ରାଜନୈତିକ ଦଳ ବିଭିନ୍ନ ସମୟରେ ସ୍ୱରାଜର କଥା କହନ୍ତି। ସ୍ୱରାଜ ପ୍ରତି ଅଙ୍ଗୀକାରବଦ୍ଧତା କଥା କହନ୍ତି। କ୍ଷମତାକୁ ଆସିଲେ ସ୍ୱରାଜର ଅକ୍ଷରେ ଅକ୍ଷରେ ପାଳନ ହେବ ବୋଲି ଘୋଷଣା କରନ୍ତି। ତେବେ ଅଦ୍ୟାବଧି କୌଣସି ରାଜନୈତିକ ଦଳ ସ୍ୱରାଜକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ଦେଖାଯାଇ ନାହିଁ। ଏହା ଏକ ସୁନ୍ଦର ରାଜନୈତିକ ସ୍ଲୋଗାନ। କିନ୍ତୁ କାମ କଲାବେଳେ ସ୍ୱରାଜର ଅଣଦେଖା।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ କାଳରେ ସ୍ୱରାଜର ମହତ୍ତ୍ୱ ଯେତିକି ଥିଲା ଏବେ ମଧ୍ୟ ସେତିକି ଅଛି। ସେ ସମୟରେ ସ୍ୱରାଜ କହିଲେ ଇଂରେଜମାନଙ୍କୁ ଦେଶରୁ ହଟାଇ ନିଜେ ନିଜର ଶାସକ ହେବାକୁ ବୁଝାଉଥିଲା। ଇଂରେଜକୁ ହଟାଇବା ପାଇଁ ସ୍ୱରାଜ ଶବ୍ଦର ବହୁଳ ବ୍ୟବହାର ହେଉଥିଲା। ଏହି ଅର୍ଥରେ ସ୍ୱାଧୀନତା ପରେ ସ୍ୱରାଜ ସ୍ଥାପିତ ହୋଇଛି କହିଲେ ଠିକ୍ ହେବ। କିନ୍ତୁ ଭିନ୍ନ ଏକ ଦୃଷ୍ଟିକୋଣରୁ ପ୍ରକୃତରେ ସ୍ୱରାଜ ଆସିଛି ବୋଲି ଅନେକେ ବିଶ୍ୱାସ କରନ୍ତି ନାହିଁ। ଏମାନଙ୍କ ମତରେ ସ୍ୱରାଜର ଅର୍ଥ କେବଳ ଇଂରେଜ ଶାସନକୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥାକୁ ସ୍ଥାପନ କରିବାକୁ ବୁଝାଏ ନାହିଁ। ଏହା ଶାସନ ବ୍ୟବସ୍ଥାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକଟି ନାଗରିକକୁ ଭାଗୀଦାର କରିବାକୁ ବୁଝାଏ। ଇଂରେଜମାନଙ୍କୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥା କାଏମ ହୋଇଛି ସତ ହେଲେ ଶାସନରେ ପ୍ରତ୍ୟେକଟି ନାଗରିକକୁ ଭାଗୀଦାରୀ କରିବା କାର୍ଯ୍ୟ ଏଯାଏଁ ସମ୍ପାଦିତ ହୋଇନାହିଁ। ଅର୍ଥାତ୍ ଆଭ୍ୟନ୍ତରୀଣ ସ୍ୱରାଜ ସ୍ଥାପନ ହୋଇପାରି ନାହିଁ। ନାଗରିକର କର୍ତ୍ତବ୍ୟ କେବଳ ଭୋଟ ଦେବାରେ ସୀମିତ ହୋଇ ରହିଯାଇଛି।

ଇଂରେଜମାନେ ଚାଲିଗଲା ପରେ ତାଙ୍କରି ଢାଞ୍ଚାରେ ଶାସନ ଚାଲିଛି। ଦେଶର ମୁଷ୍ଟିମେୟ ଲୋକ ଶାସନ କ୍ଷମତାକୁ ଉପଭୋଗ କରୁଛନ୍ତି। ସାଧାରଣ ଜନତାଙ୍କ ଭୂମିକା କେବଳ ପ୍ରତିନିଧି ବାଛିବା। ପ୍ରତିନିଧି ବାଛିବା ପରେ ତାଙ୍କ ଭୂମିକା ଶେଷ। ନିର୍ବାଚିତ ଲୋକ ପ୍ରତିନିଧିମାନେ ଆଉ ଜନତାଙ୍କ ନିୟନ୍ତ୍ରଣରେ ନଥାନ୍ତି। ପ୍ରତିନିଧି ବଦଳାଇବା ପାଇଁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡେ। ରାଜନୈତିକ ଦଳଗୁଡ଼ିକରେ ଏକଛତ୍ରବାଦୀ ଭାବନା ଦେଖା ଦେଉଛି। ଜଣେ ଦୁଇଜଣଙ୍କ ଇଚ୍ଛାରେ ଦଳ ପରିଚାଳିତ ହେଉଛି। ଏହିପ୍ରକାର ଦଳ ଯେତେବେଳେ କ୍ଷମତାକୁ ଆସନ୍ତି ସେମାନେ ପ୍ରାଇଭେଟ କମ୍ପାନୀ ଢାଞ୍ଚାରେ ଶାସନ କରନ୍ତି। ସ୍ୱରାଜ ଏମାନଙ୍କ ପାଇଁ ଅନାବଶ୍ୟକ ବ୍ୟବସ୍ଥା ପରି ମନେହୁଏ। କଳେବଳେ କୌଶଳେ ଭୋଟ ହାତେଇବା ଓ ରାଜ କରିବା ଏମାନଙ୍କ ମୂଳ ଲକ୍ଷ୍ୟ ହୋଇଯାଏ। ଟଙ୍କା ଖଟାଓ ଓ ଟଙ୍କା ରୋଜଗାର କରିବା ନୀତିରେ ଏମାନେ ଚାଲନ୍ତି। ସ୍ୱରାଜ କ’ଣ ଏମାନେ ବୁଝନ୍ତି ନାହିଁ।

କେବଳ ବ୍ୟକ୍ତିବାଦୀ ଓ ପରିବାରବାଦୀ ରାଜନୈତିକ ଦଳରେ ଏକଛତ୍ରବାଦୀ ମାନସିକତା ଦେଖାଦିଏ ତା ନୁହେଁ, ଯେଉଁ ରାଜନୈତିକ ଦଳଗୁଡିକ କଟ୍ଟର ଗଣତନ୍ତ୍ରବାଦୀ ବୋଲି ଦାବି କରନ୍ତି ସେମାନଙ୍କ ମଧ୍ୟରେ ମଧ୍ୟ ଏପରି ଏକଛତ୍ରବାଦୀ ଭାବନା ଲୁଚି ରହିଥାଏ। ଅନେକ ସମୟରେ ଏମାନେ ସ୍ୱରାଜ କଥା କହନ୍ତି, କିନ୍ତୁ ସ୍ୱରାଜର ଧାର ଧାରନ୍ତି ନାହିଁ। ଏହି ଦଳଗୁଡିକ ମଧ୍ୟ ଗୋଟିଏ ଗୋଷ୍ଠୀ ଦ୍ୱାରା ପରିଚାଳିତ ହୁଅନ୍ତି। ସାଧାରଣ ଜନତାଙ୍କ ମତକୁ ଏମାନେ ଅପେକ୍ଷା କରନ୍ତି ନାହିଁ କି ସମ୍ମାନ ଦିଅନ୍ତି ନାହିଁ। ପ୍ରତ୍ୟେକ ଦଳୀୟ ସିଦ୍ଧାନ୍ତ ଏମାନେ ନିଜେ ନିଅନ୍ତି ଓ ସାଧାରଣ ସଂଗଠକ ଉପରେ ତାହା ଲଦି ଦିଅନ୍ତି। କେନ୍ଦ୍ରୀୟ ନେତୃତ୍ୱ ଏକଛତ୍ରବାଦୀ ଢାଞ୍ଚାରେ ପରିଚାଳିତ ହୁଏ। ଏମାନେ ଦଳୀୟ ସଂଗଠନକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରନ୍ତି। ସେହିମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦିଆଯାଏ ଯେଉଁମାନେ ତାଙ୍କ ବୋଲକରା ହୋଇଥାନ୍ତି। ସାଙ୍ଗଠନିକ ପଦପଦବୀ ପାଇଁ ଜନମତ ନିଆଯାଏ ନାହିଁ। ପ୍ରାୟତଃ ଦଳୀୟ ସଂଗଠନ ଗଠନରେ ସ୍ୱରାଜ ନୀତିର ଅଣଦେଖା କରାଯାଏ। କୌତୂହଳର ବିଷୟ ଯେଉଁମାନେ ସ୍ୱରାଜ ପ୍ରତିଷ୍ଠାର ନାରା ଦିଅନ୍ତି ସେମାନେ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ ପଡ଼ନ୍ତି ନାହିଁ।



ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଲଢିବା ପାଇଁ ଟିକେଟ ଦେବା ବା ବଣ୍ଟନ କରିବା ବ୍ୟବସ୍ଥା ମଧ୍ୟ ସ୍ୱରାଜ ପ୍ରତି ପ୍ରହସନ। ସଂସଦ ପାଇଁ ଟିକେଟ ଦିଲ୍ଲୀରେ ଓ ବିଧାନସଭା ପାଇଁ ଟିକେଟ ରାଜ୍ୟ ରାଜଧାନୀରେ ବଣ୍ଟନ ହୁଏ। ଓଡିଶା ବିଧାନସଭା ପାଇଁ ଭୁବନେଶ୍ୱରରେ ଟିକେଟ ବଣ୍ଟାଯାଏ। ଆଶାୟୀ ପ୍ରାର୍ଥୀମାନେ ଭୁବନେଶ୍ୱର କିମ୍ବା ଦିଲ୍ଲୀ ଦଉଡନ୍ତି। ଟିକେଟ ପାଇବାର ମାନଦଣ୍ଡ ହୁଏ ପାର୍ଟିକୁ ଆର୍ଥିକ ସହାୟତା ଦେବା ଓ ତୋଷାମୋଦ। ନେତୃତ୍ୱ ମଧ୍ୟ ଦେଖେ କିଏ କେତେ ପଇସା ବାଲା ଓ କେତେ ଆଜ୍ଞାବହ। ଅନେକ ସମୟରେ ଜଣକର ଜାତି ଓ ଧର୍ମକୁ ମଧ୍ୟ ବିଚାରକୁ ନିଆଯାଏ। ବିଚାର କରାଯାଏ ନାହିଁ ଯେ କାହା ସପକ୍ଷରେ କେତେ ଜନମତ ରହିଛି। ଦେଖାଯାଏ ନାହିଁ ଜଣେ କେତେ ଜ୍ଞାନୀ ଓ କେତେ ଲୋକପ୍ରିୟ। ଏଠାରେ ସ୍ୱରାଜ ନୀତିର ସମ୍ପୂର୍ଣ୍ଣ ଅଣଦେଖା କରାଯାଏ। ସବୁଠାରୁ ଦୁଃଖର କଥା ଯେଉଁମାନେ ସ୍ୱରାଜ ସ୍ଥାପନର ସ୍ୱପ୍ନ ଦେଖାଇ ସଂଗଠନ କରନ୍ତି ସେମାନେ ସ୍ୱରାଜର ନୀତିକୁ ଅନୁସରଣ କରନ୍ତି ନାହିଁ। ଯେଉଁ ରାଜନୈତିକ ଦଳମାନେ ସ୍ୱରାଜକୁ ସ୍ୱୀକାର କରନ୍ତି ନାହିଁ, ନିଜ ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁସରଣ କରନ୍ତି ନାହିଁ, ସେମାନେ ସମଗ୍ର ଦେଶରେ ଶାସନ ବ୍ୟବସ୍ଥା ମଧ୍ୟରେ ସ୍ୱରାଜ ଆଣିବେ କିପରି ?

ଦେଶରେ ‘ସ୍ୱ-ରାଜ’କୁ ହଟାଇ ‘ମୋ-ରାଜ’ ସ୍ଥାପନ ଗଣତନ୍ତ୍ର ପାଇଁ ବିପଦ। ଏହା ଦେଶକୁ ଏକଛାତ୍ରବାଦୀ ଶାସନ ବ୍ୟବସ୍ଥା ଆଡକୁ ନେଇଯିବ। ଏଥିପାଇଁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ମୋ-ରାଜ ଶାସନ ବ୍ୟବସ୍ଥାକୁ ବିରୋଧ କରିବାକୁ ହେବ। ଦଳୀୟ କ୍ଷେତ୍ରରେ ପ୍ରତ୍ୟେକଟି ପଦପଦବୀ ଲୋକମତକୁ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ଣ୍ଣୟ ହେବା ଉଚିତ। ସଂଖ୍ୟାଧିକ ଭାବେ ଯାହାକୁ ଲୋକମାନେ ସମର୍ଥନ କରିବେ ସେହିଁ ପଦାଧିକାରୀ ହେବେ। ଭାଇଭତିଜା ଓ ସ୍ୱଜାତିକୁ ନେଇ ନିଯୁକ୍ତି ହେଲେ ସ୍ୱ-ରାଜ ଭାବନା ଧ୍ୱଂସ ହୁଏ। ହୋଟେଲ ରୁମ ଅଥବା ଅଫିସ ରୁମରେ ବସି ରାଜନୀତି କରିବା ସ୍ୱ-ରାଜ ବିରୋଧୀ। ଜନସାଧାରଣଙ୍କ ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ ହେଉଛି ପ୍ରକୃତ ସ୍ୱ-ରାଜ।

ସେହିପରି ନିର୍ବାଚନ ଲଢିବା ପାଇଁ ଟିକେଟ ବଣ୍ଟନ ବ୍ୟବସ୍ଥା ମଧ୍ୟ ସ୍ୱରାଜ ନୀତିର ବିରୋଧୀ। ଲୋକମାନେ ନିଜ ଅଞ୍ଚଳରେ ବସି ସିଦ୍ଧାନ୍ତ ନିଅନ୍ତୁ କିଏ ତାଙ୍କର ପ୍ରାର୍ଥୀ ହେବେ। ଯାହାର ସପକ୍ଷରେ ଅଧିକ ସକ୍ରିୟ କର୍ମୀ ରହିବେ ସେହିଁ ସମ୍ପୃକ୍ତ ଦଳର ପ୍ରାର୍ଥୀ ହେବ। ଏଥିପାଇଁ ଦିଲ୍ଲୀ କିମ୍ବା ଭୁବନେଶ୍ୱର ଦୌଡିବାକୁ ପଡିବ ନାହିଁ। କାହାକୁ ତୋଷାମୋଦ କରିବାକୁ ପଡିବନି। ଫଳରେ ସ୍ୱଚ୍ଛୋଟ, ଜ୍ଞାନୀ ଓ ପ୍ରକୃତ ସମାଜସେବୀମାନେ ପ୍ରାର୍ଥୀ ହୋଇ ପାରିବେ। ଟଙ୍କା ତାଙ୍କ ପାଇଁ ପ୍ରତିବନ୍ଧକ ହେବ ନାହିଁ। ତଦ୍ରୂପ ଭାବେ ରାଜନୈତିକ ସିଦ୍ଧାନ୍ତ ନେବା ସମୟରେ ଲୋକମାନଙ୍କ ମତ ଲୋଡାଯିବା ଉଚିତ। ସାଧାରଣ ଜନତା ଅନୁଭବ କରନ୍ତୁ ଯେ ସେମାନେ ମଧ୍ୟ ପ୍ରତ୍ୟେକଟି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗୀଦାର ଅଟନ୍ତି। ଲୋକେ ଅନୁଭବ କରନ୍ତୁ ଯେ ଦେଶରେ ପ୍ରକୃତ ସ୍ୱରାଜ ଆସିଛି। ଅନୁଭବ କରନ୍ତୁ ସେମାନେ ପ୍ରକୃତ ଶାସକ ଅଟନ୍ତି।

ଦେଶରୁ ମୋ-ରାଜକୁ ହଟାଇ ସ୍ୱ-ରାଜକୁ ସ୍ଥାପନ କରିପାରିଲେ ପ୍ରକୃତ ଗଣତନ୍ତ୍ର ଆସିବ। ଆମ ସ୍ୱାଧୀନତା ସେନାନୀମାନଙ୍କ ସେଦିନର ପରିକଳ୍ପିତ ସ୍ୱ-ରାଜର ପ୍ରକୃତ ରୂପରେଖକୁ ଉପଲବ୍ଧି କରାଯାଇ ପାରିବ। ମନେ ରଖିବାକୁ ହେବ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ସ୍ୱ-ରାଜର ସ୍ଥାପନା ଅନିବାର୍ଯ୍ୟ। ସ୍ୱରାଜ ହେଉଛି ଗଣତନ୍ତ୍ରର ଆତ୍ମା।

ବାରିପଦା, ମୟୂରଭଞ୍ଜ,
ମୋ. ୯୪୩୮୨୪୮୮୫୪

# ଅପହରଣ-ଧର୍ମାନ୍ତରଣ: ପାକିସ୍ତାନକୁ ଆମେରିକାର ଆହ୍ୱାନ

**ଏମ୍.ଡି ଅବଦୁଲ୍ଲା**

ଅଠର ବର୍ଷୀୟା ନେହା ଫକିର ନାମକ ଜଣେ ପାକିସ୍ତାନୀ ଖ୍ରୀଷ୍ଟିଆନ୍ ଯୁବତୀଙ୍କ ଅପହରଣ ପରେ ତାଙ୍କୁ ଲାହୋରସ୍ଥିତ ଏକ ମଦ୍ରାସାରୁ ଉଦ୍ଧାର କରାଯିବା ଏବଂ ଧର୍ମାନ୍ତରଣ ହୋଇଥିବା ଅଭିଯୋଗକୁ ନେଇ ଏବେ ଆନ୍ତର୍ଜାତିକ ସ୍ତରରେ ଆଲୋଚନା ହେଉଛି। ଏହି ମାମଲାରେ ଆମେରିକା କଂଗ୍ରେସର ୧୧ ଜଣ ଆଇନପ୍ରଣେତା ପାକିସ୍ତାନ ସରକାରଙ୍କୁ ନେହା ଫକିରଙ୍କ ସୁରକ୍ଷା ଓ ମୌଳିକ ଅଧିକାରକୁ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଛନ୍ତି।

ନେହା ଫକିରଙ୍କୁ ମାର୍ଚ୍ଚରେ ଅପହରଣ କରାଯାଇଥିଲା ଏବଂ ପରେ ତାଙ୍କୁ ଇସଲାମ ଧର୍ମ ଗ୍ରହଣ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଟମ୍ ଲାଣ୍ଟୋସ୍ ମାନବାଧିକାର କମିଶନର ସହ-ଅଧ୍ୟକ୍ଷ କଂଗ୍ରେସମ୍ୟାନ କ୍ରିସ୍ ସ୍ମିଥ ପାକିସ୍ତାନ ସରକାରଙ୍କୁ ନେହା ଫକିରଙ୍କ ସୁରକ୍ଷା, ଏବଂ ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି। କ୍ରିସ୍ ସ୍ମିଥ କହିଛନ୍ତି ଯେ ନେହା ଫକିରଙ୍କ ଅପହରଣ ପରେ ପରେ ଧର୍ମାନ୍ତରଣ ଭଳି ପରିସ୍ଥିତି ତାଙ୍କ ସୁରକ୍ଷା, ଧର୍ମର ସ୍ୱାଧୀନତା ଏବଂ ବଳପୂର୍ବକ କିମ୍ବା ଭୟଭୀତ ନ କରି ତାଙ୍କ ଅଧିକାରକୁ ବ୍ୟବହାର କରିବାର କ୍ଷମତା ବିଷୟରେ ଗଭୀର ଚିନ୍ତାଜନକ ପ୍ରଶ୍ନ ଉଠାଇଛି।

ଖ୍ରୀଷ୍ଟିଆନ୍ ସଲିଡାରିଟି ଇଣ୍ଟରନେସନାଲ (ସି.ଏସ୍.ଆଇ.) ଜୁନ୍ ୧୦ ରେ ଏହି ମାମଲାକୁ ନେଇ ଚିନ୍ତା ପ୍ରକାଶ କରିବା ପରେ ଆମେରିକାର ପ୍ରତିକ୍ରିୟା ଆସିଥିଲା। ସି.ଏସ୍.ଆଇ. ରିପୋର୍ଟ ଅନୁଯାୟୀ ନେହା ଫକିର ମାର୍ଚ୍ଚ ୨୪ ତାରିଖରେ ସିଲେଇ ଶିଖିବା ପାଇଁ ଯାଇଥିବାବେଳେ ନିଖୋଜ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଲାହୋରସ୍ଥିତ ଏକ ମଦ୍ରାସାରୁ ଉଦ୍ଧାର କରାଯାଇଥିଲା ଯେଉଁଠାରେ ସେ ଇସଲାମ ଧର୍ମ ଗ୍ରହଣ କରିଥିବା ଜଣାପଡ଼ିଥିଲା।

ଏହି ପରିପ୍ରେକ୍ଷୀରେ ଆମେରିକୀୟ କଂଗ୍ରେସ ସଦସ୍ୟମାନଙ୍କ ହସ୍ତକ୍ଷେପ ଗୁରୁତ୍ୱ ବହନ କରୁଛି। କ୍ରିସ୍ ସ୍ମିଥଙ୍କ ସମେତ ୧୦ ଜଣ ଆମେରିକୀୟ କଂଗ୍ରେସ ସଦସ୍ୟ ଅଗଷ୍ଟ ୨୦ ରେ ପାକିସ୍ତାନର ଆଇନ ଓ ନ୍ୟାୟ ବିଷୟକ ଫେଡେରାଲ ମନ୍ତ୍ରୀ ଆଜମ୍ ନଜୀର ତରାରଙ୍କୁ ପତ୍ର ଲେଖି ମାମଲାର ନ୍ୟାୟସଙ୍ଗତ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜଣାଇଥିଲେ। ସ୍ମିଥଙ୍କ ବ୍ୟତୀତ ଏହି ପତ୍ରରେ ପ୍ରତିନିଧି ଜେମ୍ସ ପି. ମ୍ୟାକଗଭର୍ନ, ଫ୍ରେଞ୍ଚ ହିଲ୍, ଗସ୍ ବିଲିରାକିସ୍, ଆଣ୍ଡି ହାରିସ୍, ମାରିଆ ଏଲଭିରା ସାଲାଜାର, ରାଇଲି ମୁର୍ର, ରାଣ୍ଡି ୱେବର, ମାଇକେଲ୍ କ୍ଲାଉଡ୍, ବ୍ରାଡ୍ ଶର୍ମାନ୍ ଏବଂ ବ୍ଲେକ୍ ମୁର ମଧ୍ୟ ସ୍ୱାକ୍ଷର କରିଛନ୍ତି।

ଆମେରିକୀୟ ଆଇନପ୍ରଣେତାମାନେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଇ ନେହା ଫକିରଙ୍କ ଶାରୀରିକ ସୁରକ୍ଷା ଓ ସୁସ୍ଥତା ସୁନିଶ୍ଚିତ କରିବାକୁ କହିଛନ୍ତି। ଏଥି ସହ ତାଙ୍କୁ ଗୋପନୀୟ ଭାବେ ସ୍ୱାଧୀନ ଆଇନଜୀବୀଙ୍କ ପରାମର୍ଶ ପାଇବାର ସୁଯୋଗ ଦେବାକୁ ସେମାନେ ଦାବି କରିଛନ୍ତି। ଏତଦ୍ ବ୍ୟତୀତ ନେହା ଫକିର ଯେପରି ନିଜ ପରିବାର ସହିତ ସ୍ୱାଧୀନ ଓ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିପାରିବେ, ସେଥିପାଇଁ ପାକିସ୍ତାନ ସରକାର ସୁଯୋଗ ସୃଷ୍ଟି କରୁ ବୋଲି ଆମେରିକୀୟ ଆଇନପ୍ରଣେତାମାନେ ଅନୁରୋଧ କରିଛନ୍ତି। ସେମାନେ ଇସଲାମବାଦକୁ ଏହା ମଧ୍ୟ ଜଣାଇଛନ୍ତି ଯେ ଭବିଷ୍ୟତରେ ହେବାକୁ ଥିବା ଯେକୌଣସି ନ୍ୟାୟିକ ପ୍ରକ୍ରିୟା, ଏଭଳି ଏକ ପରିବେଶରେ ହେବା ଦରକାର ଯେଉଁଠାରେ ନେହା ଫକିର କୌଣସି ଧମକ, ଭୟ କିମ୍ବା ଅନାବଶ୍ୟକ ପ୍ରଭାବ ବିନା ନିଜ ମତ ସ୍ୱାଧୀନ ଭାବେ ପ୍ରକାଶ କରିପାରିବେ। ଏଠାରେ ପାକିସ୍ତାନର ନିଜ ସମ୍ବିଧାନର ବ୍ୟବସ୍ଥା ମଧ୍ୟ ପ୍ରାସଙ୍ଗିକ।

ନେହା ଫକିରଙ୍କ ମାମଲାକୁ ନେଇ ଆମେରିକୀୟ ଆଇନପ୍ରଣେତାମାନେ ପାକିସ୍ତାନର ଧାର୍ମିକ ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ମଧ୍ୟ ସାମ୍ନାକୁ ଆଣିଛନ୍ତି।

ଧର୍ମ ପରିବର୍ତ୍ତନ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଅଧିକାରର ବିଷୟ ହୋଇପାରେ, କିନ୍ତୁ ସେହି ନିଷ୍ପତ୍ତି ସ୍ୱେଚ୍ଛାକୃତ କି ନାହିଁ ସ୍ପଷ୍ଟ ହେବା ମଧ୍ୟ ସମାନ ଭାବେ ଜରୁରୀ। ତେଣୁ ନେହା ଫକିରଙ୍କ ମାମଲାରେ ପାକିସ୍ତାନୀ ନ୍ୟାୟ ବ୍ୟବସ୍ଥାର ସ୍ୱଚ୍ଛତା, ଆଇନଗତ ସୁରକ୍ଷା ଓ ତାଙ୍କ ସ୍ୱାଧୀନ ଇଚ୍ଛାର ସମ୍ମାନ – ଏହି ତିନିଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

# ଗାନ୍ଧୀ ଏକ ନାମ ନୁହେଁ ଏକ ଆଦର୍ଶ

**ବିଷ୍ଣୁ ପ୍ରସାଦ ଦାସ**

“ ଅହିଂସା ଦ୍ୱାରା ଭାରତ ସ୍ୱାଧୀନ ହେଲା କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ହିଂସା ଖୁବ୍ ହୃଦୟ ବିଦାରକ ସାବ୍ୟସ୍ତ ହେଲା । ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନ ତଥା ସ୍ୱାଧୀନତା ପରବର୍ତ୍ତୀ ଅରାଜକତାକୁ ଜାଣିଶୁଣି ପ୍ରୋତ୍ସାହିତ କରାଗଲା । କିଛି କ୍ଷମତା ଲୋଭୀ ନିଜ ନିଜ ସ୍ୱାର୍ଥ ପାଇଁ ଇତିହାସ ପୁସ୍ତକକୁ କିଛି ଭୁଲ ତଥ୍ୟ ଦେଇ ଜନତାଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କୁ ବିଭାଜନ ବିଭୀଷିକା ପାଇଁ ଦୋଷ ଦେଇଛନ୍ତି ।

ପୃଥିବୀ ପୃଷ୍ଠରେ ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କୁ ପ୍ରାୟ ଊଣା ଅଧିକେ ସମସ୍ତେ ଜାଣିଛନ୍ତି । ସ୍ୱାଧୀନ ଭାରତର ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ନିଜର ଏକ ବିରଳ ପରିଚୟ ଛାଡି ଯାଇଛନ୍ତି ଯାହାକି ତାଙ୍କୁ ଅମର କରିଦେଇଛି । ଅଖଣ୍ଡ ଭାରତ ଯେତେବେଳେ ବ୍ରିଟିଶ ଶାସକଙ୍କ ଅଧୀନରେ ଥିଲା ସେତେବେଳେ ଇଂରାଜୀ ଶାସକ ନିଜର କୁଶାସନ ଦ୍ୱାରା ଦେଶକୁ ଲୁଟିବା ସହିତ ନାଗରିକମାନଙ୍କୁ କ୍ରୀତଦାସ ପରି ଆଚରଣ କରୁଥିଲେ । ଯେଉଁମାନେ ନେତୃତ୍ୱ ନେଇ ସ୍ୱର ଉତ୍ତୋଳନ କରୁଥିଲେ ସେମାନଙ୍କୁ କାଳ କୋଠରି ଭିତରେ ସାରା ଜୀବନ ବିତାଇବାକୁ ପଡୁଥିଲା ବା ଅକାଳ ମୃତ୍ୟୁର ସାମ୍ନା କରିବାକୁ ପଡୁଥିଲା । ଏହାର ପ୍ରମୁଖ କାରଣ ଥିଲା ଯେ ଏହି ପ୍ରକାର ନେତୃତ୍ୱ ନେଉଥିବା ନେତାମାନେ ସାରା ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ନେତାମାନଙ୍କ ସହିତ ଯୋଗାଯୋଗ କରି ପାରୁ ନଥିଲେ । ସେମାନଙ୍କ ମଧ୍ୟରେ ସମନ୍ୱୟର ଘୋର ଅଭାବ ପରିଲକ୍ଷିତ ହେଉଥିଲା କହିଲେ ଚଳେ । ଅନ୍ୟାୟକୁ ବିରୋଧ କରିବା ମନୁଷ୍ୟ କ’ଣ ସବୁ ଜୀବ ଜଗତର ସହଜାତ ପ୍ରବୃତ୍ତି ଏହାକୁ ‘ବଞ୍ଚିବା ପାଇଁ ସଂଗ୍ରାମ’ କୁହାଯାଇ ପାରେ। ସବଳର ଦୁର୍ବଳ ଉପରେ ଅତ୍ୟାଚାର କିଛି ନୂଆ କଥା ନୁହେଁ ଏହା ଯୁଗ ଯୁଗରୁ ଚାଲି ଆସିଛି ଆଉ ଚାଲୁଥିବ । କେବଳ ଅତ୍ୟାଚାରର ସଂଜ୍ଞା ହୁଏତ କିଛିଟା ପରିବର୍ତ୍ତନ ହୋଇ ପାରେ। ମହାତ୍ମା ଗାନ୍ଧୀଙ୍କ ପ୍ରଚେଷ୍ଟାରେ ଦେଶର ନେତୃବୃନ୍ଦ, ସ୍ୱାଧୀନତା ସଂଗ୍ରାମୀ ତଥା ଅତ୍ୟାଚାରର ଶିକାର ହେଉଥିବା ଦେଶବାସୀଙ୍କୁ ଯୋଡିବା ପ୍ରଧାନ କାର୍ଯ୍ୟଥିଲା । ଦେଶବାସୀ ଏକ ହୋଇ ଅହିଂସା ମାର୍ଗରେ ବ୍ରିଟିଶ ଶାସକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ପ୍ରଥମ ଲକ୍ଷ ଥିଲା । ତେବେ ଅବିଭକ୍ତ ଭାରତ ତ’ ଛୋଟ ଦେଶ ନ’ଥିଲା । ସେତେବେଳେ ଗମନା ଗମନର ସୁବିଧା ନ’ଥିଲା ତେଣୁ ଏହି କାର୍ଯ୍ୟ ଖୁବ୍ କଠିନ ଥିଲା । କିନ୍ତୁ ଅସମ୍ଭବ ନ’ଥିଲା ।

ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ ୨୮ ଡିସେମ୍ବର ୧୮୮୫ ମସିହାରେ ବମ୍ବେ ଠାରେ ହୋଇଥିଲା । ଏଥିରେ ୭୨ ଜଣ ପ୍ରତିନିଧି ଥିଲେ ହ୍ୟୁମ୍ ଏହାର ସାଧାରଣ ସମ୍ପାଦକ ଥିବା ବେଳେ କଲିକତାର ଉମେଶ ଚନ୍ଦ୍ର ବାନାର୍ଜୀ ସଭାପତି ଥିଲେ । ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମିତ ମୋହନଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ଗୋପାଳ କୃଷ୍ଣ ଗୋଖଲେଙ୍କ ଅନୁରୋଧକ୍ରମେ ଭାରତୀୟ ଜାତୀୟ କଂଗ୍ରେସରେ ୧୯୧୫ ମସିହାରେ ଆନୁଷ୍ଠାନିକ ଭାବେ ଯୋଗଦେଇ ଥିଲେ । ୩୦ ବର୍ଷର ପୁରୁଣା କଂଗ୍ରେସ ପାର୍ଟିକୁ ସେ ଏକ ନୂତନ ରୂପ ଦେବାକୁ ଚେଷ୍ଟା କରିଥିଲେ । ୧୯୨୪ ମସିହାରେ ବେଳଗାଓଁ ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ପରାଧୀନ ଭାରତକୁ କିପରି ସ୍ୱାଧୀନ କରାଯିବ ତାହା ହିଁ ତାଙ୍କର ମୂଳ ଲକ୍ଷ୍ୟ ଥିଲା । ତାଙ୍କ କାର୍ଯ୍ୟଶୈଳୀ ଅନେକଙ୍କୁ ଭଲ ଲାଗୁ ନ’ଥିଲା ତେବେ ବି ସେ ଅହିଂସାକୁ ପାଥେୟ କରି ଆଗେଇ ଚାଲିଥିଲେ । ଅନେକ ଘାତ ପ୍ରତିଘାତ ଉତ୍ଥାନ ପତନ ଦେଇ ବ୍ରିଟିଶ ସରକାରଙ୍କୁ ଗାଦିରୁ ହଟାଇ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖୁଥିବା ମଣିଷଟି ହାରିଯାଇ ନ’ଥିଲା । ଅସହ୍ୟ ଯନ୍ତ୍ରଣା , ଜେଲ ଜୀବନ , ନିଜ ଦଳୀୟ କର୍ମକର୍ତ୍ତାଙ୍କ ବିରୋଧ ସତ୍ତ୍ୱେ ସେ ଦେଶକୁ ସ୍ୱାଧୀନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ନୋବେଲ ପୁରସ୍କାର ପ୍ରାପ୍ତ କବିଗୁରୁ ରବୀନ୍ଦ୍ରନାଥ ଠାକୁର ‘ମହାତ୍ମା’ ଉପାଧି ଦେଇ ତାଙ୍କୁ ମୋହନ ଦାସ କରମ୍ ଚାନ୍ଦ ଗାନ୍ଧୀରୁ ମହାତ୍ମା ଗାନ୍ଧୀ କରି ଦେଇଥିଲେ । ସେହିଦିନଠାରୁ ସେ ମହାତ୍ମା ଗାନ୍ଧୀ ଭାବେ ପରିଚିତ । ଅନେକେ ତାଙ୍କୁ ‘ବାପୁ’ ବୋଲି ସମ୍ବୋଧନ ମଧ୍ୟ କରନ୍ତି ।



ଇତିହାସ ତ ଅନେକ କଥା ଲିପିବଦ୍ଧ କରି ରଖିଛି ଏବଂ ଏହିସବୁ ବିଷୟ ଅଳ୍ପେ ବହୁତେ ସମସ୍ତେ ଜାଣିଛନ୍ତି । ଧର୍ମ ନାମରେ ଅଖଣ୍ଡ ଭାରତରୁ ଅଲଗା ହୋଇ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ପାକିସ୍ଥାନ ଦେଶ ଜନ୍ମ ନେଲା । ଯାହାକି ପଶ୍ଚିମରୁ ପଞ୍ଜାବ ପ୍ରଦେଶକୁ ବିଭକ୍ତ କରିଦେଲା ଏବଂ ପୂର୍ବ ପଟେ ବଙ୍ଗଳାର କିଛି ଅଂଶ ନେଇ ପୂର୍ବ ପାକିସ୍ତାନ ଦେଶ ହେଲା । ଧର୍ମ ତଥା ଭାଷା ଭିତ୍ତିକ ଦେଶ ବିଭାଜନ ଜନିତ ସାମ୍ପ୍ରଦାୟିକ ଦଙ୍ଗାରେ ହଜାର ହଜାର ହିନ୍ଦୁ , ମୁସଲମାନ ଧର୍ମାବଲମ୍ବୀ ପରସ୍ପରର ଶତ୍ରୁ ହୋଇ ଗଣ ହତ୍ୟାରେ ନିଜକୁ ସାମିଲ କରିଥିଲେ । ଲକ୍ଷ ଲକ୍ଷ ଲୋକ ଗୃହ ଶୂନ୍ୟ ହେବା ସହିତ ସ୍ଥାବର ଅସ୍ଥାବର ସଂପତ୍ତି ଏପରିକି ନିଜର ଝିଅ, ବୋହୂଙ୍କ ଉପରେ ହେଉଥିବା ପାଶବିକ ନିର୍ଯାତନା ଆଖିବୁଜି ସହ୍ୟ କରୁଥିଲେ । ସ୍ୱାଧୀନତା ପରବର୍ତ୍ତୀ ହିଂସା ଏତେ ସାଙ୍ଘାତିକ ଥିଲା ଯାହାକୁ ବର୍ଣ୍ଣନା କରିବା କଷ୍ଟକର ବ୍ୟାପାର । ମହାତ୍ମା ଗାନ୍ଧୀ କ’ଣ ଏହି ସବୁ ପାଇଁ ଦାୟୀ ? ମହାତ୍ମା ଗାନ୍ଧୀ କ’ଣ ଦେଶ ବିଭାଜନ ଚାହୁଁଥିଲେ ? ତେବେ ନିଜ ସ୍ୱାର୍ଥ ପାଇଁ ମହମ୍ମଦ ଜିନ୍ନା ଏବଂ ପଣ୍ଡିତ ନେହେରୁଙ୍କ ଭିତରେ ଲର୍ଡ଼ ମାଉଣ୍ଟ ବ୍ୟାଟେନ ବିଷମଞ୍ଜି ବୁଣି ଦେଇ ଥିଲେ । ତେଣୁ ଦୁହେଁ ଦୁଇଟି ସ୍ୱାଧୀନ ରାଷ୍ଟ୍ରର ପ୍ରଧାନ ମନ୍ତ୍ରୀ / ରାଷ୍ଟ୍ର ମୁଖ୍ୟ ହୋଇ ରହିବାକୁ ପସନ୍ଦ କଲେ । ତେଣିକି ସାଧାରଣ ଜନତା ଯାହା କଷ୍ଟ /ନିର୍ଯାତନା ଭୋଗିବା କଥା ଭୋଗନ୍ତୁ, ସେଥିପାଇଁ କାହାରି ନିଘା ନ ଥିଲା ।

ଅହିଂସା ଦ୍ୱାରା ଭାରତ ସ୍ୱାଧୀନ ହେଲା କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ହିଂସା ଖୁବ୍ ହୃଦୟ ବିଦାରକ ସାବ୍ୟସ୍ତ ହେଲା । ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନ ତଥା ସ୍ୱାଧୀନତା ପରବର୍ତ୍ତୀ ଅରାଜକତାକୁ ଜାଣିଶୁଣି ପ୍ରୋତ୍ସାହିତ କରାଗଲା । କିଛି କ୍ଷମତା ଲୋଭୀ ନିଜ ନିଜ ସ୍ୱାର୍ଥ ପାଇଁ ଇତିହାସ ପୁସ୍ତକକୁ କିଛି ଭୁଲ ତଥ୍ୟ ଦେଇ ଜନତାଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କୁ ବିଭାଜନ ବିଭୀଷିକା ପାଇଁ ଦୋଷ ଦେଇଛନ୍ତି । ଯେଉଁ ମହାତ୍ମା ଅହିଂସା ପାଇଁ ସାରା ପୃଥିବୀରେ ପରିଚିତ ସେହି ମହାତ୍ମାଙ୍କୁ ନେଇ ଆଜିର ଯୁବ ସମାଜ ମନରେ ଅନେକ ପ୍ରଶ୍ନ ଏହାର ଉତ୍ତର କିଏ ଦେବ ? ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖ ଦିନ ମହାତ୍ମା ଗାନ୍ଧୀଙ୍କୁ ଆତତାୟୀ ନାଥୁରମ୍ ଗଡସେ ହତ୍ୟା କରିବାର କାରଣ କଣ ? ଏହା ପଛରେ କ’ଣ କୌଣସି ପ୍ରକାର କୂଟନୈତିକ ଚାଲ ଜଡିତ ଥିଲା ? ମହାତ୍ମା ଗାନ୍ଧୀ ଜାତିର ପିତା ବା ଜାତିର ଜନକ ଏହି ଉପାଧି ଛଡା ତାଙ୍କ ପ୍ରତି ଦେଶବାସୀଙ୍କର ଆଉ କ’ଣ କିଛି ସମ୍ମାନ ନାହିଁ ?

ଗାନ୍ଧୀଙ୍କ ଚିତ୍ର ଥିବା ଭାରତୀୟ କାଗଜ ମୁଦ୍ରା ଆଜି ସମସ୍ତଙ୍କର ପ୍ରିୟ କିନ୍ତୁ ଗାନ୍ଧୀ ଧୀରେ ଧୀରେ ହଜି ଯାଉଛନ୍ତି ଆମ ମନ ମଧ୍ୟରୁ । ଆମେ ସ୍ୱାର୍ଥପର ହୋଇ ଯାଇଛୁ କେବଳ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ଏବଂ ତାଙ୍କ ତିରୋଧାନ ଦିବସ ଜାନୁଆରୀ ୩୦ ତାରିଖକୁ ଲୋକ ଦେଖାଣିଆ ଭାବେ କିଛି ଫୁଲ ହାର ଆଣି ତାଙ୍କ ମୂର୍ତ୍ତିରେ ଦେଇଥାଉ । ଆଜିର ଯୁବପିଢ଼ି କୁହନ୍ତୁ ବା କିଛି ଅସହିଷ୍ଣୁ ଗୋଷ୍ଠୀ କୁହନ୍ତୁ ମହାତ୍ମା ଗାନ୍ଧୀଙ୍କୁ ଦୋଷ ଦେବାରେ କୌଣସି କାର୍ପଣ୍ୟ କରୁ ନାହାନ୍ତି । କିନ୍ତୁ ଏପରି କାହିଁକି ହେଉଛି ? ଦେଶ ବିଦେଶରେ ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଦେଉଥିବା ସମୟରେ ନିଜ ଦେଶରେ ତାଙ୍କ ପ୍ରତି ଏତେ ଅସହିଷ୍ଣୁତା ପଛର ରହସ୍ୟ କଣ ? ଶିକ୍ଷାର ଅଭାବ ବା ଅନେକ ଗାନ୍ଧୀ ବିରୋଧୀଙ୍କ ୟୁଟ୍ୟୁବ୍‌ର ବହୁଳ ପ୍ରଚାର ଯୁବ ପିଢିଙ୍କ ମନରେ ନକାରାତ୍ମକ ଭାବ ଉଦ୍ରେକ ହେଉଛି ? ଗାନ୍ଧୀଙ୍କୁ ଭଲଭାବେ ଜାଣନ୍ତୁ, ତାଙ୍କ ଚିନ୍ତାଧାରା, ତାଙ୍କ ଅହିଂସା ମାର୍ଗ, ତାଙ୍କ ସହନଶୀଳତା, ତାଙ୍କ ତ୍ୟାଗ , ତାଙ୍କ ଦେଶ ପ୍ରେମକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରନ୍ତୁ । କେଉଁ ପରିସ୍ଥିତିରେ ଦେଶ ବିଭାଜନ ହେଲା ? କେଉଁ ପରିସ୍ଥିତି ପାଇଁ ସାମ୍ପ୍ରଦାୟିକ ଦଙ୍ଗା ହେଲା ଏକଥାର ସତ୍ୟତା ଉପଲବ୍ଧି କରନ୍ତୁ । ତା’ପରେ ଯଦି କୌଣସି ନକାରାତ୍ମକ ସିଦ୍ଧାନ୍ତରେ ଉପନୀତ ହେଉଛନ୍ତି ତେବେ ଗାନ୍ଧିଙ୍କ ବିରୋଧରେ କୁହନ୍ତୁ । କିଞ୍ଚିତ୍ ଜାଣି ଅବାନ୍ତର ଯୁକ୍ତିର ମୂଲ୍ୟ ଆତ୍ମବଡ଼ିମା ଛଡା ଆଉ କିଛି ନୁହେଁ । ଠିକ୍ ଅଛି, ନାନା ମୁନିଙ୍କ ନାନା ମତ, ଏହି ଅଧିକାର ସମ୍ବିଧାନ ସମସ୍ତଙ୍କୁ ଦେଇଛି । ଏବେ ବି ସମୟ ଅଛି, ଆମେ ଗାନ୍ଧୀଙ୍କୁ ନିଜ ଆଦର୍ଶ ଭାବିବା ସହିତ ତାଙ୍କ ଅହିଂସା ପଥରେ ଯାଇ ଦୁର୍ନୀତିର ମୂଳୋତ୍ପାଟନ କରି ଦେଶକୁ ସୁବର୍ଣ୍ଣ ଭାରତରେ ପରିଣତ କରିବା । ଜୟ ହିନ୍ଦ୍ ।

ଝାଞ୍ଜିରୀମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

## ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧୀ ଅଭିଯାନ ଜାରି : ୪ ଅଟକ

ପାରଳାଖେମୁଣ୍ଡି,୧ ।୧୦(ନିପ୍ର): ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ନିୟମିତ ରାତ୍ରି ପାଟ୍ରୋଲିଂ ସମୟରେ ରାଣୀପେଣ୍ଠ ଜଙ୍କସନ୍ ମୁଖ୍ୟ ରାସ୍ତାର ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ଜନସାଧାରଣଙ୍କ ପାଇଁ ଉପଦ୍ରବ ସୃଷ୍ଟି କରୁଥିବା ଅବସ୍ଥାରେ କେ. ୟାଦଗିରି (୨୩), କେ. ପବନ (୨୪), ଏସ୍. ଶିବା କୁମାର (୨୭) ଓ ପି. ଦିଲୀପ କୁମାର (୨୫), ସମସ୍ତେ ରାଣୀପେଣ୍ଠ, ଥାନା ପାରଳାଖେମୁଣ୍ଡି ଅଞ୍ଚଳର, ମୋଟ ୪ ଜଣଙ୍କୁ ପୋଲିସ ଅଟକ ରଖିଥିଲା। ସମସ୍ତଙ୍କର ଡାକ୍ତରୀ ପରୀକ୍ଷା ଓ ବ୍ରେଥ୍ ଆନାଲାଇଜର୍ ପରୀକ୍ଷା କରାଯାଇ ସେମାନେ ମଦ୍ୟପାନ କରିଥିବା ନିଶ୍ଚିତ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କଠାରୁ ବ୍ୟକ୍ତିଗତ ବଣ୍ଡରେ ଅନୁଯାୟୀ ସକ୍ଷମ ଅଦାଲତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରୋସିକ୍ୟୁସନ୍ ରିପୋର୍ଟ ଦାଖଲ କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ଶାନ୍ତିଶୃଙ୍ଖଳା ଭଙ୍ଗ କରିବା ଓ ଜନସାଧାରଣଙ୍କୁ ଅସୁବିଧା ସୃଷ୍ଟି କରିବା ବିରୋଧରେ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ ଏବଂ ସହରର ପ୍ରମୁଖ ଛକ ଓ ସର୍ବସାଧାରଣ ସ୍ଥାନଗୁଡ଼ିକରେ ନିୟମିତ ପାଟ୍ରୋଲିଂ ଓ ନଜରଦାରି ଜାରି ରହିବ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୯୨ ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା ଓ ବାରାଣସୀକୁ ଯାତ୍ରା

ଭବାନୀପାଟଣା,୧ ।୧୦(ନିପ୍ର);ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୯୨ ଜଣ ତୀର୍ଥଯାତ୍ରୀ ୫ ଟି ବସ୍‌ରେ ଅଯୋଧ୍ୟା ଓ ବାରାଣସୀକୁ ଯିବା ପାଇଁ ରାୟଗଡ଼ା ରେଳ ଷ୍ଟେସନ ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା କାଲି ୫ଟି ଜିଲ୍ଲା ରାୟଗଡ଼ା, କଳାହାଣ୍ଡି,ନୂଆପଡ଼ା,କୋରାପୁଟ, ମାଲକାନଗିରି ତୀର୍ଥଯାତ୍ରୀ ୧.୧୦.୨୦୨୬ ତାରିଖ ସକାଳ ୧୦.୦୦ ଘ ସମୟରେ ରାୟଗଡ଼ା ରେଳ ଷ୍ଟେସନଠାରୁ ସ୍ୱତନ୍ତ୍ର ଟ୍ରେନ ରେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଗସ୍ତ କରିବେ। ଏହି ଅବସରରେ ଆଜି ମଧ୍ୟ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାରୁ ୫୭୦ ଜଣ ତୀର୍ଥଯାତ୍ରୀ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ୧୭ ଟି ଶୀତତାପ ନିୟନ୍ତ୍ରିତ ବସରେ ଯାତ୍ରା କରିଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟର ପ୍ରମୁଖ ଧାର୍ମିକ ଓ ଆଧ୍ୟାତ୍ମିକ ସ୍ଥଳୀ ପରିଦର୍ଶନର ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ' ଏବଂ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା 'କୁ ସମସ୍ତେ ପ୍ରଶଂସା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର କଳାହାଣ୍ଡି କ୍ଷୀରୋଦ ନାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଳାହାଣ୍ଡି ମନୋଜ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ତୀର୍ଥଯାତ୍ରାରେ ଯାଉଥିବା ବସ୍‌କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ତୀର୍ଥଯାତ୍ରୀଙ୍କ ଯାତ୍ରା ସୁଖଦ, ନିରାପଦ ଓ ସ୍ମରଣୀୟ ହେଉ ବୋଲି ଶୁଭକାମନା ଜଣାଇଥିଲେ।

## ୭୨ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ

ପାରଳାଖେମୁଣ୍ଡି,୧ ।୧୦ (ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବନ ଖଣ୍ଡ ବିଭାଗର କନଫେରାନ୍ସ ହଲ ଠାରେ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଯାଇଛି।ଜିଲ୍ଲା ବନଖଣ୍ଡ ଅଧିକାରୀ କେ ନାଗରାଜୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌କେସିଜୀ କଲେଜର ଅଧ୍ୟାପକ,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ ସଂଗ୍ରାମ , ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁ,ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଏ ଡି ଭି ଓ , ସହକାରୀ ବନ ସଂରକ୍ଷଣ ଅଧିକାରୀ ସାଇନ ଶ୍ରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହକାରୀ ବନ ସଂରକ୍ଷଣ ଅଧିକାରୀ ସାଇନ ଶ୍ରୀ ଦାସ ପ୍ରଦାନ କରିଥିବା ବେଳେ ବନଖଣ୍ଡ ଅଧିକାରୀ କେ ନାଗରାଜୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଦିବସର ଲକ୍ଷ୍ୟ ହେଉଛି ବନ୍ୟପ୍ରାଣୀଙ୍କ ସୁରକ୍ଷା କିପରି କରାଯିବ ତାର ରକ୍ଷଣାବେକ୍ଷଣ କରିବା ସହ ଜଙ୍ଗଲର ସଂରକ୍ଷଣ ଏବଂ ଜଙ୍ଗଲର ସୁରକ୍ଷା କରିବା। ଏହି ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାରେ କୃତି ପ୍ରତିଯୋଗି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।ଆଜିର ବିଷୟବସ୍ତୁ ହେଉଛି ବିଜ୍ଞାନ ଏବଂ ଜୈବ ବିବିଧତା ଦିବସ ଉପରେ ଅତିଥିମାନେ ନିଜର ବକ୍ତବ୍ୟ ରଖିଥିଲେ। ବନାଞ୍ଚଳ ରେଞ୍ଜର ବନପାଳ ଭେଙ୍କେଟ ରାବାଣାଙ୍କ ସମେତ ବନ ବିଭାଗର କର୍ମଚାରୀ ରହି ପରିଚାଳନା ରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟଘାଟ୍ ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ପାରଳାଖେମୁଣ୍ଡି,୧ ।୧୦(ନିପ୍ର):ପାରଳା ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ୨୧ତମ ଜିଲ୍ଲା ସ୍ତରୀୟ ନୂଆଁଖାଇ ଭେଟଘାଟ - ୨୦୨୬ ସ୍ଥାନୀୟ ନଗର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ,ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର , ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଞ୍ଚ ତଥା ସିନେ କଳାକାର ଆଦର୍ଶ ଦାସ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବାଳକୃଷ୍ଣ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। ମଞ୍ଚାସୀନ ଅତିଥି ମାନେ ନିଜ ବକ୍ତବ୍ୟରେ ଆୟୋଜକ ଅନୁଷ୍ଠାନର ଏହି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଯଦିଓ ଏହା ପଶ୍ଚିମ ଓଡ଼ିଶାର ଗଣପର୍ବ ହୋଇଥିଲେ ମଧ୍ୟ ଉପାନ୍ତ ପାରଳାଖେମୁଣ୍ଡିରେ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଦିନ ଧରି ପାଳନ କରାଯାଉ ଥିବାରୁ ସେମାନେ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ। ଏଥି ସହ ପାରଳାର ନୃତ୍ୟ ଭିତ୍ତିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ର , ପଦାମୃତ ନୃତ୍ୟାୟନ ଓ ମିରାକଲ ଡେନ୍ସ ଷ୍ଟୁଡିଓ ଅନୁଷ୍ଠାନ ସମେତ ଆୟୋଜକ ସମଲେଇ ନୃତ୍ୟକଳା ପରିଷଦ ପକ୍ଷରୁ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସୁଭାଶିଷ ପତି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଦର୍ଶ ଦାସ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାଉ ସାଧିଲା ବାତ୍ୟା, ଚାଷୀ ଆଖିରୁ ଶୁଖୁନି ଲୁହ

ଆସିକା,୧ ।୧୦ (ନିପ୍ର): ବଙ୍ଗୋପ ସାଗରରେ ସୃଷ୍ଟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ତିନି ଦିନ ଧରି ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ଆସିକା ଦେଇ ପ୍ରବାହିତ ଦୁଇ ନଦୀ ମଧ୍ୟରୁ ଋଷିକୂଲ୍ୟାରେ ୭ଫୁଟ ଓ ବଡ଼ନଦୀରେ ୧୦ଫୁଟ ପାଣି ପ୍ରବାହିତ ହୋଇ ଥିଲା । ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇ ରହିଥିଲେ। ଏହା କ୍ରମଶଃ ହ୍ରାସ ହୋଇଥିଲା ଫଳରେ ଅଞ୍ଚଳ ବାସୀଙ୍କ ବନ୍ୟା ଆଶଙ୍କା କମିଥିଲା ଅନ୍ୟପଟରେ ଆସିକା ବ୍ଲକର ତଳି ଅଞ୍ଚଳ ଗୁଡିକ ଯେପରି ଖୁକୁଣ୍ଡିଆ, ମୁନିଗାଡ଼ି, ଚାଟୁଳା, କେନ୍ଦୁପଦର, ବେଣାପାଟ, କେଶପୁର, ଫାଫଲପୁର, ଚନ୍ଦନପେଢ଼ୀ , ଭେଟନଇ, ତରାସିଂଙ୍ଗ, ମେଣ୍ଟାପଡା, ଜୟପୁର, ଚଢ଼େୟାପଲ୍ଲୀ, ତୁମ୍ବା ଠେଙ୍ଗାପଲ୍ଲୀ, ଜଗନ୍ନାଥ ପଲ୍ଲୀ, ପୁଡୁଗେଶ୍ୱର ପଲ୍ଲୀ, ଆସିକା ସୁନାମ୍ଭ ସାହି, କାଳଷଣ୍ଢପୁର, ନଳବଣ୍ଟା, ଗୌଡ଼ଗଠ, ନବରନ୍‌ପୁର, ମଂଗଳପୁର ଆଦି ଅଞ୍ଚଳର ହଜାର ହଜାର ହେକ୍ଟର ଚାଷ ଜମି ଜଳବନ୍ଦୀ ଅବସ୍ଥାରେ ରହିଥିଲା। ବର୍ତ୍ତମାନ କେତେକ ସ୍ଥାନରେ ପାଣି ନିଷ୍କାସନ ହୋଇଥିବା ବେଳେ ବହୁତ ଗୁଡିଏ ତଳି ଅଞ୍ଚଳରେ ଅଧାବଧି ଚାଷ ଜମିରେ ପାଣି ଜମି ରହିଛି। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ କୃଷି ବିଭାଗ ଓ ରାଜସ୍ୱ ବିଭାଗ କୌଣସି ଚାଷ ଜମି କିମ୍ବା ଜଳମଗ୍ନ ଅଞ୍ଚଳକୁ ନଯାଇ ଆନୁମାନିକ ଭାବେ ମିଟିଂ କରି ସରକାରଙ୍କୁ ରିପୋର୍ଟ ତଲବ କରିଥିବା ଚାଷୀ ମାନେ ଅଭିଯୋଗ କରିଥିବା ଜଣାଯାଇଛି। ଅଧିକାରୀ ମାନେ କରିଥିବା ରିପୋର୍ଟ ପ୍ରକାରେ ଚାଷୀଙ୍କ କ୍ଷୟ କ୍ଷତି ଠିକରେ ମିଳିବକି ନାହିଁ ତାହା



ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।ପ୍ରକାଶ ଥାଉକି ଯେଉଁମାନେ ଭାଗ ଚାଷୀ ସେମାନେ କ୍ଷତି ପୂରଣ କିପରି ଭାବେ ପାଇବେ ତାହା ବଡ଼ ପ୍ରଶ୍ନ କାରଣ ଭାଗ ଚାଷୀ ନିୟମ ପ୍ରକାରେ ଜମି ମାଲିକଙ୍କୁ ତାଙ୍କ ପଉତି ପ୍ରଦାନ କରିବେ ହେଲେ ବର୍ତ୍ତମାନ ହୋଇଥିବା ଲଗାଣ ବର୍ଷା ଯୋଗୁଁ ସେମାନେ ଅନ୍ୟଠାରୁ ଧାର କରଜ କରି ଚାଷ ଜମିରେ ଖର୍ଚ୍ଚ କରିଥିବା ଟଙ୍କା ବଦଳରେ ସେତିକି ପରିମାଣର ଧାନ ଅମଳ କରିବା ଅସମ୍ଭବ ଅନ୍ୟପଟରେ ସରକାର ଚାଷୀ ମାନଙ୍କୁ ପ୍ରଦାନ କରିବା ସହାୟତା ରାଶି ସିଧାସଳଖ ଜମି ମାଲିକ ବ୍ୟାଙ୍କ ଆକାଉଣ୍ଟକୁ ଚାଲିଯିବ ଫଳରେ ଭାଗ ଚାଷୀ ଏହି ସାହାୟତାରୁ ବଞ୍ଚିତ ହେବ। ଏଣୁ ଭାଗ ଚାଷୀଙ୍କ ସକାଶେ ସରକାର କିଛି ବିକଳ୍ପ ବାହାର କରିବା ସହ ସହାୟତା ଯୋଗାଇଦେବାକୁ ଚାଷୀ କୁଳ ଦାବୀ କରିଛି। ଅନ୍ୟପଟରେ କୃଷି ବିଭାଗ ଓ ରାଜସ୍ୱ ବିଭାଗ କରିଥିବା ଅନୁମାନକିକ ରିପୋର୍ଟ ପ୍ରକାରେ ଚାଷୀଙ୍କୁ ଉଚିତ ପରିମାଣର ସହାୟତା ମିଳିବା ବଡ଼ ପ୍ରଶ୍ନବାଚୀ। ଏଥି ପ୍ରତି ବିପର୍ଯ୍ୟୟ ବିଭାଗ ଜିଲ୍ଲାପାଳ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ଚାଷୀକୁଳ ଦାବି କରିଛି।

## କ୍ଲବ ଘରେ ଚାଲିଛି ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର

କଣ୍ଟିଲୋ,୧ ।୧୦ (ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଡୋଲମରା ଗ୍ରାମରେ ପ୍ରାଣୀ ଚିକିତ୍ସାଳୟର ନିଜସ୍ୱ ଗୃହଟି ଏ ନଥିବାରୁ ଦୀର୍ଘ ବର୍ଷ ଧରି ଏକ କ୍ଲବ ଘରେ ପ୍ରାଣୀ ଚିକିତ୍ସାଳୟଟି କାର୍ଯ୍ୟ କରୁଥିବା



ଜଣାପଡିଛି। ଫଳରେ ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ସମୟରେ ସ୍ଥାନ ଅଭାବରୁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରକାଶଥାଉକି ପଶୁ ସମ୍ପଦର ସୁରକ୍ଷା ସହ ପଶୁପାଳନ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ରୟତ ଡୋଲମରା ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରର ନିଜସ୍ୱ ଗୃହ ପ୍ରତିଷ୍ଠା ନିମନ୍ତେ ଦୃଷ୍ଟି ନ ଦେବା ଦୁଃଖର ବିଷୟ ଅଟେ। ରୟତ ଡୋଲମରା ଗ୍ରାମ ସମେତ ଆଖପାଖ ଗ୍ରାମର ଜନସାଧାରଣ ଓ ପଶୁ ପାଳକମାନେ ବିଭିନ୍ନ ସମୟରେ ଉକ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେବା ସହ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ପରାମର୍ଶ ଅଭାବରୁ ଗାଈ, ଛେଳି, ମେଣ୍ଢା, ପଣ୍ଡା, ମଇଁଷି ଆଦି ଗୃହପାଳିତ ପଶୁ ଗୁଡିକ ଅକାଳରେ ମୃତ୍ୟୁବରଣ କରୁଥିବା ସ୍ଥାନୀୟ ଅଞ୍ଚଳର ଏକାଧିକ ପଶୁ ପାଳକ ଅଭିଯୋଗ କରିଛନ୍ତି।ବିଭିନ୍ନ ସମୟରେ ପଶୁ ପାଳକମାନେ ଆବଶ୍ୟକ ପରାମର୍ଶ ନେବା ପାଇଁ ଗ୍ରାମ ଠାରୁ ୫ କିଲୋମିଟର ଦୁରରେ ଅବସ୍ଥିତ ଗଣିଆ ବ୍ଲକ ଅଧୀନ ପ୍ରାଣୀ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଜଣାପଡିଛି।ରୟତ ଡୋଲମରା ପଞ୍ଚାୟତ ସରପଞ୍ଚ ମୁକୁତା ପରିଡ଼ା ସ୍ଥାନୀୟ ଅଞ୍ଚଳରେ ଏକ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ସ୍ଥାପନ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଜଣାପଡିଛି। ପ୍ରକାଶଥାଉକି ଗତ ୨୦୨୪ ମସିହାରେ ତତ୍କାଳୀନ ବିଧାୟକଙ୍କ ସମୟରେ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ପ୍ରତିଷ୍ଠା ନେଇ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଉକ୍ତ ଅନୁଦାନ ଅର୍ଥ ଅନ୍ୟ ବାଟରେ ବିନିଯୋଗ ହୋଇଥିବା ଜଣାପଡିଛି। ଅପରପକ୍ଷେ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟି ପୂର୍ବ ପରି କ୍ଲବ ଘରେ ଅତି ଦୟନୀୟ ସ୍ଥିତିରେ କାର୍ଯ୍ୟ କରୁଥିବା ଜଣାପଡିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରୟତି ଡୋଲମରା ପଞ୍ଚାୟତବାସୀ ଦାବି କରିଛନ୍ତି।

## ବେଆଇନ ଦେଶୀ ବନ୍ଧୁକ ରଖିବା ମାମଲାରେ ଅଭିଯୁକ୍ତ ଗିରଫ

ନୟାଗଡ଼,୧ ।୧୦ (ନିପ୍ର): ଇଟାମାଟି ଥାନା ଅଞ୍ଚଳରେ ବେଆଇନ ଅସ୍ତ୍ର ରଖିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ସାମ୍ନାକୁ ଆସିଛି। ଉପଲବ୍ଧ ପୁଲିସ ରେକର୍ଡରେ ଇଟାମାଟି ଥାନା କେସ୍ ନମ୍ବର ୩୫୧, ତାରିଖ ୨୯.୦୯.୨୦୨୬ ଉଲ୍ଲେଖ ରହିଛି। ୪୨ ବର୍ଷୀୟ ଲୋକନାଥ ରାଉତ, ପିତା ସ୍ୱର୍ଗତ ଲୋଚନ ରାଉତ, ଇଟାମାଟି ଥାନା ଅଞ୍ଚଳର ବାସିନ୍ଦା ବୋଲି ଉଲ୍ଲେଖ ରହିଛି। ରେକର୍ଡରେ ଅଭିଯୋଗର ପ୍ରକୃତି ଅସ୍ତ୍ର ଆଇନ ସମ୍ପର୍କିତ ବୋଲି ସ୍ପଷ୍ଟ ହେଉଛି। ଅସ୍ତ୍ର ଆଇନ ଅଧୀନରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଧରାଯାଇଥିବା ବେଳେ, ଏହି ଘଟଣାକୁ ନେଇ ଗଣମାଧ୍ୟମକୁ ସୂଚନା ନଦେବା ଇଟାମାଟି ଥାନାର ସୂଚନା ପ୍ରଦାନ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଏହା କେବଳ ଏକ ଛୋଟ ମାମଲା ନୁହେଁ। ଜଣେ ବ୍ୟକ୍ତିଙ୍କ ନିକଟରେ ବେଆଇନ ଅସ୍ତ୍ର ଥିବା ଅଭିଯୋଗ ନିଜେ ଆଇନଶୃଙ୍ଖଳା ଦୃଷ୍ଟିରୁ ଗୁରୁତ୍ୱ ବହନ କରେ। ପ୍ରଶ୍ନ ଉଠୁଛି—ଅଭିଯୁକ୍ତଙ୍କୁ ଗିରଫ କରାଗଲା, ମାମଲା ରୁଜୁ ହେଲା, କୋର୍ଟ ଚାଲାଣ ପ୍ରକ୍ରିୟା ହେଲା; ତେବେ ଗଣମାଧ୍ୟମକୁ ଏହି ଘଟଣା ବିଷୟରେ ଜଣାଇବାରେ ଅସୁବିଧା କେଉଁଠି ? ଏହି ମାମଲାରେ କେଉଁ ପ୍ରକାରର ଦେଶୀ ବନ୍ଧୁକ ଜବତ ହୋଇଛି, ଅସ୍ତ୍ର ସହ ଗୁଳି କିମ୍ବା ଅନ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି କି ନାହିଁ, ଅସ୍ତ୍ରଟି ଅଭିଯୁକ୍ତଙ୍କ ନିକଟକୁ କେଉଁଠାରୁ ଆସିଥିଲା ଏବଂ ଏହା ପଛରେ ଅନ୍ୟ କାହାରି ସମ୍ପୃକ୍ତି ଅଛି କି ନାହିଁ—ଏସବୁ ଦିଗ ତଦନ୍ତର ବିଷୟ ହୋଇପାରେ। ଏହାର ତଥ୍ୟ ପୁଲିସ ପକ୍ଷରୁ ସ୍ପଷ୍ଟ ହେବା ଆବଶ୍ୟକ। ଆହୁରି ଏକ ବଡ଼ ପ୍ରଶ୍ନ ହେଉଛି, ଇଟାମାଟି ଥାନା ଅଞ୍ଚଳରେ ବେଆଇନ ଅସ୍ତ୍ର ଚଳାଚଳ ଉପରେ ପୁଲିସର ନଜର କେତେ ଦୃଢ଼ ? ଯଦି ନିୟମିତ ଭାବେ ଏଭଳି ଅପରାଧ ବିରୋଧରେ ଚଢ଼ାଉ ଚାଲିଛି, ତେବେ ତାହାର ସୂଚନା ସାର୍ବଜନୀନ ହେବା ଦ୍ୱାରା ଲୋକମାନେ ମଧ୍ୟ ପୁଲିସର କାର୍ଯ୍ୟକଳାପ ସମ୍ପର୍କରେ ଅବଗତ ହୋଇପାରିବେ।

## ବିପଦସଂକୁଳ ନଦୀ ବନ୍ଧ , ଚିନ୍ତାରେ ନଦୀକୂଳିଆ

ପିପିଲି,୧ ।୧୦ (ନିପ୍ର); ହୀରାକୁଦ ଡ୍ୟାମରେ ୩୦ ଗୋଟି ଗେଟରେ ବନ୍ୟା ପାଣି ନିଷ୍କାସନ ହେଉ ଥିବା ବେଳେ ତଳ ମୁଣ୍ଡରେ ପ୍ରତ୍ୟେକ ଶାଖା ନଦୀଗୁଡ଼ିକରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗି ଅଛି। ତାହାରି ମଧ୍ୟରେ ଭାର୍ଗବୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ମୌଜିବେଗ ଠାରୁ କୋଠସାହି ପର୍ଯ୍ୟନ୍ତ ଦୁର୍ବଳତା ଥିବା ବେଳେ ନଦୀବନ୍ଧ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୁର୍ବଳ ନଦୀ ବନ୍ଧ ସ୍ଥାନ ଛାଡି ଅଚିନ୍ତାରେ ସେକ୍ସନ ଅଫିସ ଛାଡି ପୁରୀ ମୁଖ୍ୟ କାର୍ଯ୍ୟାଳୟ ଡିଭିଜନରେ ରହିଥିବା ନେଇ ଚର୍ଚ୍ଚା ଜୋର ଦାର ଧରିଛି। ଗତ ବନ୍ୟା ସମୟରେ ଭାର୍ଗବୀ ନଦୀ ଡାହାଣ ପାର୍ଶ୍ୱ ବନ୍ଧ ବନମାଳୀପୁର ହନୁମନ୍ତ ବାଙ୍କ ବାଲି ଉପର ତରଜଙ୍ଗ ଓ ଦକ୍ଷିଣସାହି ଚକ ଠାରେ ଘଳିଆ ଦେଖା ଦେବାରେ ସେହି ବିପଦ ସଂକୁଳ ସ୍ଥାନରେ ବାଲି ଅଖା ଦିଆଯାଇ ନିୟନ୍ତ୍ରଣ ରହି ଥିଲା। ଏବେ ସେହି ସ୍ଥାନ ଗୁଡିକ ବିପଦ ସଂକୁଳ ଡାଙ୍କି ଥିବାରୁ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହି ଅଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ସାକ୍ଷୀଗୋପାଳ ଜଳସମ୍ପଦ ବିଭାଗ କାର୍ଯ୍ୟ



ନିର୍ବାହୀ ଅଧିକାରୀଙ୍କୁ ସେକ୍ସନ ଅଫିସର କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ନେଇ ମତାମତ ଲୋଡ଼ିବାରେ ସେ କହି ଛନ୍ତି ସେକ୍ସନ ଅଫିସର ଆସୁ ଛନ୍ତି ଏବଂ ସଙ୍ଗେ ସଙ୍ଗେ ବନ୍ଧ ଛାଡି ପଳାଇ ଯାଉ ଛନ୍ତି। ସେପଟେ ବନ୍ଧରେ କୌଣସି ବିପଦ ସଂକୁଳ ବନ୍ଧରେ କୌଣସି ଅପ୍ରୀତିକର ଘଟିଲେ ସାଧାରଣ ଲୋକଙ୍କୁ କିଭଳି ସହଯୋଗ ମିଳିବ ତାହାକୁ ନେଇ ଜନସାଧାରଣ ଚିନ୍ତାରେ। ତେଣୁ ଏଦିଗରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ନଜର ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେଡ୍ଡୀ ବାହାଡାପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କୋରାପୁଟିଆ ଲୋକ ନୃତ୍ୟରେ ଦୁଲୁକିଲା ମଞ୍ଚ

ରମ୍ଭା,୧ ।୧୦ (ନିପ୍ର): ଖଲ୍ଲିକୋଟ ବ୍ଲକ ସାବୁଳିଆ କ୍ଲଷ୍ଟର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରଭି-୨୦୨୬ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ସଭାପତିତ୍ୱ ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟିଆ ଲୋକ ନୃତ୍ୟରେ ଦୁଲୁକି ଥିଲା ମଞ୍ଚ ।ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ତଥା ରାଜ୍ୟପାଳ ପୁରସ୍କୃତ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଘାସି, ପୂର୍ବତନ ସିଆରସିସି କୃଷ୍ଣ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଗ୍ରାମ୍ୟ ସଭାପତି ଲକ୍ଷ୍ମଣ ପ୍ରଧାନ, ଏସ ଏମ ସି ସଭାପତି



ତ୍ରିଲୋଚନ ପ୍ରଧାନ, ସିଆରସି ରବୀନ୍ଦ୍ର କୁମାର ନାହାକ ପ୍ରମୁଖ ମଞ୍ଚାସୀନ ହୋଇ ଉପରୋକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ, ତାତ୍ପର୍ଯ୍ୟ ଓ ଉଦେଶ୍ୟ ଉପରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମଞ୍ଚ ସଂଯୋଜନାରେ ଆଳପୁର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ଦଳବେହେରା କରିଥିଲେ । ଏହି କ୍ଲଷ୍ଟର ର ୧୩ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅଂଶୁମାଳୀ ବେହେରା, ସନ୍ତୋଷ କୁମାର ପଟ୍ଟନାୟକ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମଙ୍ଗରାଜ, ଉପାସନା ମହାନ୍ତି ସହ ଗ୍ରାମ୍ୟ ପରିଚାଳନା କମିଟି, ବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷକ ଅଭିଭାବକ ସମିତି, ଗ୍ରାମର ପୂର୍ବତନ ଛାତ୍ର ସଂସଦ ସହଯୋଗ କରିଥିଲେ ।

# ପାଠପଢ଼ି ଡାକ୍ତର ହେଲେ ସିନା, ଚାଷ ପ୍ରତି ରହିଥିଲା ଅତୁଟ ଦୁର୍ବଳତା

## ପାମ ଚାଷରେ କମଉଛନ୍ତି ଡାକ୍ତର ବାବୁ

ରାୟଗଡା,୩୦ ।୯ (ନିପ୍ର): ଚାଷ ନିଶାରେ ଚୁର୍ ଚିକିତ୍ସକ। ଷ୍ଟେଥୋସ୍କୋପ ପରିବର୍ତ୍ତେ ହାତରେ କୋଡ଼ି କାଙ୍କ। ଅଏଲ ପାମ ଚାଷରେ ଭଲ ଦୁଇପଇସା କମଉଛନ୍ତି ଡାକ୍ତର ବାବୁ। ରାୟଗଡା ଜିଲ୍ଲାରେ ଡାକ୍ତର ଆନନ୍ଦ କୁମାର ପାଢ଼ୀଙ୍କୁ କିଏ ବା ନ ଜାଣେ। ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ସେ ଜଣେ ସର୍ଜରୀ ଡାକ୍ତର। ବେଶ୍ ସୁନାମ ରହିଛି ଡାକ୍ତର ଆନନ୍ଦ ପାଢ଼ୀଙ୍କ। ରୋଗୀସେବା କରି ସେ ଅନେକ ରୋଗୀଙ୍କୁ ଆରୋଗ୍ୟ କରିଛନ୍ତି। ଅବସର ପରେ ମଧ୍ୟ ସେ ଏହି ଚିକିତ୍ସା ସେବାକୁ ଜାରି ରଖିଛନ୍ତି, ଏବେବି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ ଚିକିତ୍ସା ହେବା ପାଇଁ ଛୁଟି ଆସନ୍ତି ଡାକ୍ତର ପାଢ଼ୀଙ୍କ ନିକଟକୁ। ରୋଗ ଚିହ୍ନଟ କରିବାରେ ବେଶ ଦକ୍ଷ ଡାକ୍ତର ଆନନ୍ଦ ପାଢ଼ୀ। ସମ୍ପ୍ରତି ଚାଷ ପ୍ରତି ବଳାଇ ବେଶ ସଫଳତା ହାସଲକରି ଅନ୍ୟମାନଙ୍କ ପାଇଁ ବନି ଯାଇଛନ୍ତି ପ୍ରେରଣାର ଉତ୍ସ। ସେ ଏହି ଅଏଲପାମ ଚାଷରୁ ଆଶାଜନକ ରୋଜଗାର ପାଇବା ସହ ସ୍ଥାନୀୟ ଲୋକଙ୍କ ପାଇଁ ମଧ୍ୟ ଖୋଲିଛନ୍ତି ରୋଜଗାରର ପନ୍ଥା। ବାର୍ଷିକ ଚାଷ ବାବଦରେ ପାଉଛନ୍ତି ସନ୍ତୋଷଜନକ



ଲାଭ। ପାଠପଢ଼ି ଡାକ୍ତର ହେଲେ ସିନା ଚାଷ ପ୍ରତି ରହିଥିଲା ଅତୁଟ ଦୁର୍ବଳତା। କିନ୍ତୁ ଅବସର ଗ୍ରହଣ ଏହି ଓଏଲପାମ ଚାଷ କାର୍ଯ୍ୟ ହାତକୁ ନେଇଥିଲେ। ଆନ୍ଧ୍ର ଚାଷୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଉଦ୍ୟାନ କୃଷି ବିଭାଗର ସହାୟତା ଓ ପ୍ରତ୍ୟକ୍ଷ ସହଯୋଗରେ ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ବାଙ୍ଗି ଅଞ୍ଚଳରେ ତାଙ୍କ ୧୦ଏକର ଜମିରେ ଅଏଲପାମ ଚାଷ ଆରମ୍ଭ କରିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗର ଆନ୍ଧ୍ର ପ୍ରଦେଶ ସ୍ଥିତ ପାର୍ବତୀପୁରମରୁ ଏହି ଚାରା ଆଣି ନିଜଜମିରେ ରୋପଣ କରି ୧୫ ଟନରୁ ଅଧିକା ଅଏଲପାମ ଅମଳ କରିବାରେ ସଫଳ ହୋଇପାରିଛନ୍ତି। ଉତ୍ପାଦିତ ଉକ୍ତ ଫଳକୁ ଟନ ପିଛା ୨୩ ରୁ ୨୪ ହଜାର ଟଙ୍କା ମୂଲ୍ୟରେ ରାମନାଗୁଡ଼ା ବ୍ଲକ ଅଞ୍ଚଳର ଏଦୁରୁଲସାର ସଂଗ୍ରହ କେନ୍ଦ୍ରରେ ବିକ୍ରି କରୁଥିବା କହିଛନ୍ତି।ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହ ଅନୁବନ୍ଧିତ ଓଏଲପାମ ପ୍ରକ୍ରିୟାକରଣ ୟୁନିଟକୁ ଯାଉଛି। ଡାକ୍ତର ପାଢ଼ୀଙ୍କ କହିବା କଥାହେଲା ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଜଳସେଚନ ସୁବିଧା ସହ ଆଧୁନିକ ଚାଷ ପ୍ରଣାଳୀ ଏବଂ ଉତ୍ତମ ଜ୍ଞାନ କୌଶଳ ଓ ତାଲିମ ଦେଇ ବଜାର ବ୍ୟବସ୍ଥା କରାଗଲେ ଅଏଲପାଲମ ଚାଷ ପ୍ରତି ଯୁବକ ଶ୍ରେଣୀ ଅଧିକ ଭାବେ ଆକୃଷ୍ଟ ହେବା ସମ୍ଭାବନା ରହିବା ସହ ରୋଜଗାର କରିବାରେ ସକ୍ଷମ ହୋଇପାରିଥାନ୍ତେ। ସବୁଠାରୁ ମୂଳ କଥାଟି ହେଲା ରାୟଗଡା ଜିଲ୍ଲାରେ ଯଦି ଏକ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ହୁଅନ୍ତା ତେବେ ସ୍ଥାନୀୟ ଅଞ୍ଚଳରେ ଏହି ଚାଷ ବ୍ୟାପକ ହେବା ସହିତ ସ୍ଥାନୀୟ ଚାଷୀମାନେ ଅଧିକ ଉପକୃତ ହୋଇପାରନ୍ତେ ବୋଲି ଡାକ୍ତର ପାଢ଼ୀ କହିଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ଅନୁବନ୍ଧିତ ଲକ୍ଷ୍ମୀ ବାଲାଜୀ ପ୍ରକ୍ରିୟାକାରଣ ୟୁନିଟକୁ ଯାଉଛି। ଗୁଣପୁର ବ୍ଲକ ଅନ୍ତର୍ଗତ ରାମନାଗୁଡ଼ା, ଗୁଣପୁର, ଗୁଡ଼ାରୀ ଓ ପଦ୍ମପୁର ବ୍ଲକ ଅଞ୍ଚଳ ଓଏଲପାମ ଚାଷ ପାଇଁ ବେଶ ଅନୁକୂଳ ଜଳବାୟୁ ଅନୁଭୂତ ହେଉଥିବାରୁ ଏହି ଅଞ୍ଚଳରେ ଚାଷୀ ଅଧିକ ମାତ୍ରାରେ ଏହି ଚାଷକୁ ଆପଣେଇନେବା ଲକ୍ଷ୍ୟ କରାଯାଉଛି। ଖବର ନେବାରେ ଜଣାପଡିଛି ଯେ, ୮୦୦ ହେକଟରରୁ ଅଧିକ ଜମିରେ ଏହି ଚାଷ କରାଯାଉଥିବା ଜଣାଅପଡ଼ିଛି। ସମ୍ପୃକ୍ତ ବିଭାଗ ଦ୍ୱାରା ଏହି ଚଳିତ ବର୍ଷ ମଧ୍ୟ ୭୦ ହେକ୍ଟର ଜମିରେ ଚାଷ ସରିଥିବା ଗୁଣପୁର କୃଷି ଉଦ୍ୟାନ ବିଭାଗୀୟ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କହିଛନ୍ତି।

## ଜ୍ଞାନେଶ କୁମାରଙ୍କ ବିରୋଧରେ ଆମେ ଜନ୍ତରମନ୍ତରରେ ବସିବୁ: ଅଭିଜିତ ଦୀପକେ

ନୂଆଦିଲ୍ଲୀ,୧।୨୬: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଏସଆଇଆରକୁ ନେଇ ଚାଲିଥିବା ବିବାଦ ମଧ୍ୟରେ, ସିଜେପି ଶୁକ୍ରବାର ମୁମ୍ବାଇରେ ଏକ ପ୍ରତିବାଦ ଆରମ୍ଭ କରିବ। ଗୁରୁବାର, ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦେଶବ୍ୟାପୀ ପ୍ରତିବାଦ ଘୋଷଣା କରିଥିଲେ। ସେମାନେ ଜନ୍ତର ମନ୍ତରରେ ବସିବେ ଏବଂ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବେ। ଜ୍ଞାନେଶ କୁମାର ଜଣେ ଦେଶଦ୍ରୋହୀ। ସେ କହିଛନ୍ତି, 'ଆମେ ଦାବି କରୁଛୁ ଯେ ୨୦୨୫ ଏସଆଇଆର ତାଲିକାକୁ ଫ୍ରିଜ କରାଯାଉ। ନିଯୁକ୍ତ ଯେକୌଣସି ନିର୍ବାଚନ ଅଧିକାରୀ ସ୍ୱଚ୍ଛ ହେବା ଉଚିତ। ଆମେ ସମସ୍ତ ୧୩୦ ନିୟୁତ ଭୋଟରଙ୍କୁ ରାସ୍ତାକୁ ଆଣିବୁ ଯାହାଙ୍କ ନାମ ବାଦ ଦିଆଯାଇଛି।' ଦୀପକେ କହିଛନ୍ତି, 'ସିଇସି ଜ୍ଞାନେଶ କୁମାର ଇସ୍ତଫା ଦେବା ଉଚିତ ଏବଂ ଫୌଜଦାରୀ ଅଭିଯୋଗର ସମ୍ମୁଖୀନ ହେବା ଉଚିତ। ସିଇସିଙ୍କ ନିଯୁକ୍ତି ସ୍ୱଚ୍ଛ ହେବା ଉଚିତ ଏବଂ ନାଗରିକ ସମାଜକୁ ସାମିଲ କରିବା ଉଚିତ।'

## ୫ କିଲୋ ଏଲପିଜି ସିଲିଣ୍ଡରରେ ବି ମିଳିବ ସବ୍‌ସିଡି

ନୂଆଦିଲ୍ଲୀ,୧।୧୦: ଦେଶରେ ରୋଷେଇ ଗ୍ୟାସ୍ ଦର ସାଧାରଣ ପରିବାରର ବଜେଟ୍ ଉପରେ ଚାପ ପକାଉଥିବା ବେଳେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ପାଇଁ ରହିଛି ଆଶ୍ୱସ୍ତିର ଖବର। କେବଳ ୧୪.୨ କିଲୋଗ୍ରାମର ଘରୋଇ ଏଲପିଜି ସିଲିଣ୍ଡର ନୁହେଁ, ୫ କିଲୋଗ୍ରାମର ଛୋଟ ସିଲିଣ୍ଡର ବ୍ୟବହାର କରୁଥିବା ଯୋଗ୍ୟ ଉଜ୍ଜ୍ୱଳା ହିତାଧିକାରୀମାନେ ମଧ୍ୟ ଅନୁପାତିକ ଭାବେ ସବସିଡି ପାଇପାରିବେ । ସରକାର ଉଜ୍ଜ୍ୱଳା ହିତାଧିକାରୀଙ୍କୁ ୧୪.୨ କିଲୋ ଏଲପିଜି ସିଲିଣ୍ଡର ପିଛା ୩୦୦ ଟାର୍ଗେଟେଡ୍ ସବସିଡି ଦେଇଆସୁଛନ୍ତି । ୫ କିଲୋ ସିଲିଣ୍ଡର କ୍ଷେତ୍ରରେ ଏହି ସବସିଡି ସିଲିଣ୍ଡରର ଓଜନ ଅନୁଯାୟୀ ଅନୁପାତିକ ଭାବେ ନିର୍ଦ୍ଧାରଣ ହୁଏ । ଅର୍ଥାତ୍ ୧୪.୨ କିଲୋ ସିଲିଣ୍ଡର ପାଇଁ ଯେତେ ସବସିଡି ରହିଛି, ସେହି ହାରରେ ୫ କିଲୋ ସିଲିଣ୍ଡର ପାଇଁ କମ୍ ପରିମାଣର ସବସିଡି ମିଳିବ। ଛୋଟ ଏଲପିଜି ସିଲିଣ୍ଡର ବିଶେଷକରି ସେହି ଲୋକଙ୍କ ପାଇଁ ଉପଯୋଗୀ, ଯେଉଁମାନଙ୍କୁ କମ୍ ପରିମାଣର ଗ୍ୟାସ୍ ଆବଶ୍ୟକ କିମ୍ବା ଏକାଥରକେ ବଡ଼ ସିଲିଣ୍ଡର ରିଫିଲର ଖର୍ଚ୍ଚ ବହନ କରିବା କଷ୍ଟକର ।

## ଆକାଉଣ୍ଟରୁ ଟଙ୍କା ଉଠାଇ ପାରିବେନି ଦିଦି

ନୂଆଦିଲ୍ଲୀ,୧।୧୦: ତୃଣମୂଳ କଂଗ୍ରେସର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ୪ଟି ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ ଉପରେ ଲାଗିଥିବା କଟକଣା ହଟାଇବାକୁ ମନା କରିଛନ୍ତି ସୁପ୍ରିମକୋର୍ଟ। ଏହି ଖାତାଗୁଡ଼ିକରେ ପ୍ରାୟ ୮୦୪ କୋଟି ଟଙ୍କା ରହିଛି। ଗୁରୁବାର ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଓ ଜଷ୍ଟିସ୍ ପି.ବି. ବରାଲେଙ୍କ ଖଣ୍ଡପୀଠ କାଲକାଟା ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶରେ ହସ୍ତକ୍ଷେପ କରିନାହାନ୍ତି। ତେବେ ହାଇକୋର୍ଟରେ ବିଚାରାଧୀନ ମୁଖ୍ୟ ମାମଲାର ଶୀଘ୍ର ଶୁଣାଣି ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ୪ଟି ଖାତା ଇଣ୍ଡିଆନ୍ ବ୍ୟାଙ୍କରେ ରହିଛି। ପଶ୍ଚିମବଙ୍ଗ ପୁଲିସ ଜୁଲାଇ ୭ରେ ଏଗୁଡ଼ିକୁ ଫ୍ରିଜ୍ କରିଥିଲା। ଏହା ବିରୋଧରେ ମମତାଙ୍କ ଟିଏମସି ଗୋଷ୍ଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଖାତା ଫ୍ରିଜ୍ କରିବା ପାଇଁ ଯେଉଁ ଏଫ୍‌ଆଇଆରଗୁଡ଼ିକର ଆଧାର ନିଆଯାଇଛି, ସେଥିରେ ତ୍ରୁଟି ଥିବା ଟିଏମସି ପକ୍ଷରୁ ଦାବି କରାଯାଇଥିଲା। ଅଗଷ୍ଟ ୨୭ରେ ହାଇକୋର୍ଟ ଖାତା ଚଳାଇବାକୁ ଅନ୍ତରୀଣ ଅନୁମତି ଦେବାକୁ ମନା କରିଥିଲେ। ସୁପ୍ରିମକୋର୍ଟରେ ମମତା ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂହଭି ଯୁକ୍ତି ରଖିଥିଲେ। ଖାତାଗୁଡ଼ିକ ଫ୍ରିଜ୍ ହେବାରୁ ଦଳର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହୋଇଛି ବୋଲି ସେ କହିଥିଲେ।

## ଆଫଗାନିସ୍ତାନରେ ଭୂକମ୍ପ ଝଟ୍‌କା

କାବୁଲ,୧।୧୦: ଆଫଗାନିସ୍ତାନର ହିନ୍ଦୁକୁଶ ପାର୍ବତ୍ୟ ଅଞ୍ଚଳରେ ଆଜି ସକାଳେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ନ୍ୟାସନାଲ ସେଣ୍ଟର ଫର୍ ସିସ୍ମୋଲୋଜି ଅନୁଯାୟୀ, ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୩ ରେକର୍ଡ ହୋଇଛି। ସକାଳ ପ୍ରାୟ ୬ଟା ୫୯ ମିନିଟ୍ରେ ଏହି ଝଟକା ଅନୁଭୂତ ହୋଇଥିଲା।ହିନ୍ଦୁକୁଶ ଅଞ୍ଚଳରେ ଭୂକମ୍ପର କେନ୍ଦ୍ର ରହିଥିବାରୁ ଆଖପାଖ ଅଞ୍ଚଳରେ ମଧ୍ୟ ଏହାର କମ୍ପନ ଅନୁଭୂତ ହୋଇଥିଲା।

## ବିହାର ବନ୍ୟା: ପ୍ରତି ପ୍ରଭାବିତ ପରିବାରକୁ ୭ ହଜାର ଟଙ୍କା ସହାୟତା

ପାଟନା,୧।୧୦: ବନ୍ୟାରେ ଜଳମଗ୍ନ ବିହାରର ଅନେକ ଅଞ୍ଚଳରେ ଏବେ ବି ଜନଜୀବନ ପ୍ରଭାବିତ। ଉତ୍ତର ବିହାରରେ ବନ୍ୟା ପରିସ୍ଥିତି ଜାରି ଥିବାବେଳେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପଶ୍ଚିମ ଚମ୍ପାରଣ ଗସ୍ତ କରି ସ୍ଥିତିର ସମୀକ୍ଷା କରିଛନ୍ତି। ସେ ବନ୍ୟା ପ୍ରଭାବିତ ଅଞ୍ଚଳର ଆକାଶମାର୍ଗରେ ସର୍ଭେ କରିବା ସହ ବୈରିଆ ବ୍ଲକର ବଥନାସ୍ଥିତ ରିଲିଫ୍ ଶିବିର ପରିଦର୍ଶନ କରିଥିଲେ। ରିଲିଫ୍ ଶିବିରରେ ପହଞ୍ଚି ମୁଖ୍ୟମନ୍ତ୍ରୀ ସାମୁଦାୟିକ ରୋଷେଇଘର, ଚିକିତ୍ସା ଶିବିର, ପାନୀୟ ଜଳ, ଶୌଚାଳୟ ଓ ପଶୁ ଆଶ୍ରୟ ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଏହା ସହ ସେ ନିଜେ ସାମୁଦାୟିକ ରୋଷେଇଘରରେ ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ପରିବେଷଣ କରିଥିଲେ। ଶିବିରରେ ରହୁଥିବା ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ମଧ୍ୟ ପଚାରି ବୁଝିଥିଲେ। ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୭,୦୦୦ ଟଙ୍କା ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରମ୍ପଙ୍କୁ ଏବର୍ଷ ବି ନୋବେଲ ଶାନ୍ତି ପୁରସ୍କାର ମିଳିବା କଷ୍ଟକର

ୱାସିଂଟନ,୧।୧୦: ଡୋନାଲ୍ଡ ଟ୍ରମ୍ପ ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା କଷ୍ଟକର। ଏହାର ମୁଖ୍ୟ କାରଣ ହେଉଛି ଇରାନ ସହିତ ଆମେରିକାର ଯୁଦ୍ଧ। ଯୁଦ୍ଧ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି। ନୋବେଲ କମିଟି ଟ୍ରମ୍ପଙ୍କ କଠୋର ବିରୋଧୀଙ୍କୁ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି। ୨୦୨୫ ମସିହାରେ ଭେନେଜୁଏଲାର ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ପାଇବା ପରେ, ମାଚାଡୋ ଏହାକୁ ଟ୍ରମ୍ପଙ୍କୁ ଦେଇଥିଲେ। ଏଭଳି କାର୍ଯ୍ୟ ନୋବେଲ କମିଟିକୁ ଲଜ୍ଜିତ କରିଥିଲା। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ ଟ୍ରମ୍ପଙ୍କୁ ଏହି ବର୍ଷ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ମିଳିବ ନାହିଁ। ସୂତ୍ରକୁ ଉଦ୍ଧୃତ କରି ରଏଟର୍ସ କହିଛି ଯେ, ନୋବେଲ କମିଟି ବିଚାର କରୁଛି ପୁରସ୍କାର ଅନ୍ତର୍ଜାତୀୟ ନ୍ୟାୟାଳୟକୁ ଦିଆଯାଇପାରିବ କି ନାହିଁ। ଆମେରିକା ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ ଟ୍ରିବ୍ୟୁନାଲ ଉପରେ କଟକଣା ଲଗାଇଛି ଏବଂ କୋର୍ଟ ପାଇଁ ପାଣ୍ଠି ମଧ୍ୟ ବନ୍ଦ କରିଦେଇଛି। ଅକ୍ଟୋବର ୯ ତାରିଖରେ ନୋବେଲ ଶାନ୍ତି ପୁରସ୍କାର ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ନୋବେଲ କମିଟି ଏନେଇ ବିଚାର ବିମର୍ଶ କରୁଛି। ବିଶ୍ଲେଷକମାନଙ୍କ ଅନୁସାରେ ଟ୍ରମ୍ପଙ୍କ ବ୍ୟତୀତ ପୋପ୍ ଲିଓ, ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ ଟ୍ରିବ୍ୟୁନାଲ୍, ପାଲେଷ୍ଟାଇନ ଅଞ୍ଚଳ ଉପରେ ଜାତିସଂଘର ସ୍ୱତନ୍ତ୍ର ରିପୋର୍ଟର ନୋବେଲ ଶାନ୍ତି ପୁରସ୍କାର ଦୌଡ଼ରେ ଅଛନ୍ତି।

### ୨୦୦୮ ଅହମଦାବାଦ ବିସ୍ଫୋରଣ

# ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ,୧।୧୦: ୨୦୦୮ ମସିହାରେ ଅହମ୍ମଦାବାଦରେ ହୋଇଥିବା ସିରିଏଲ ବୋମା ବିସ୍ଫୋରଣରେ ୫୬ ଜଣଙ୍କ ମୃତ୍ୟୁ ଘଟିଥିବା ମାମଲାରେ ଆତଙ୍କବାଦୀ ସଂଗଠନ ଇଣ୍ଡିଆନ ମୁଜାହିଦ୍ଦିନ (ଆଇଏମ୍)ର ଜଣେ ସଦସ୍ୟଙ୍କ ମୃତ୍ୟୁଦଣ୍ଡ ଉପରେ ସୁପ୍ରିମକୋର୍ଟ ଗୁରୁବାର ରୋକ୍ ଲଗାଇଛନ୍ତି ।ବିଚାରପତି ବିକ୍ରମ ନାଥ, ଏଜି ମସିହ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଅହମ୍ମଦ ବାୱା ଓରଫ ଆବୁ ଆବୁବକର ବାରେଲଭିଙ୍କ ଆବେଦନ ଉପରେ ଗୁଜରାଟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି, ଯାହା ହାଇକୋର୍ଟଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡକୁ କାଏମ ରଖିଥିବା ତଳକୋର୍ଟଙ୍କ ରାୟ ବିରୋଧରେ ଆବେଦନ କରିଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ ଟ୍ରାଏଲ୍ କୋର୍ଟର ରେକର୍ଡ ମାଗିଥିଲେ ଓ ଫାଶି ଦଣ୍ଡାଦେଶ ସ୍ଥଗିତ ରଖିଥିଲେ। ଏହି ମାମଲାରେ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ, ଏହା ଏକ ଗମ୍ଭୀର ମାମଲା। ୭ ଜୁଲାଇରେ ହାଇକୋର୍ଟ ୨୦୦୮ ଅହମ୍ମଦାବାଦ ସିରିଏଲ୍ ବୋମା ବିସ୍ଫୋରଣ ମାମଲାରେ ଆଇଏମର ୩୮ ଜଣ କର୍ମୀଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖି ବହୁ ସଂଖ୍ୟକ ମୃତାହତ, ବଡ଼ ଷଡ଼ଯନ୍ତ୍ର ଓ ବ୍ୟାପକ ଆତଙ୍କ ପ୍ରସାର କରିବାର ଉଦ୍ଦେଶ୍ୟକୁ ଦଣ୍ଡ ସୁନିଶ୍ଚିତ କରିବାର ପ୍ରମୁଖ କାରଣ ଭାବରେ ଉଲ୍ଲେଖ କରିଥିଲେ। ଏହାସହିତ ଗୁଜରାଟ ଓ କେରଳରେ ଆତଙ୍କବାଦୀ ତାଲିମ ଶିବିରରେ ସେମାନଙ୍କର ଭୂମିକା ଓ ଷଡ଼ଯନ୍ତ୍ରକୁ ଲଜିଷ୍ଟିକ୍ ସମର୍ଥନ ପ୍ରମାଣିତ ହେବା ନେଇ ୧୧ ଜଣ ଦୋଷୀଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡକୁ କାଏମ ରଖିଥିଲା। ସୂଚନାଯୋଗ୍ୟ, ୨୬ ଜୁଲାଇ, ୨୦୦୮ରେ ୭୦ ମିନିଟ୍ ମଧ୍ୟରେ ଅହମ୍ମଦାବାଦର ବିଭିନ୍ନ ଅଞ୍ଚଳରେ ୨୧ଟି ବୋମା ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୫୬ ଜଣ ଲୋକ ପ୍ରାଣ ହରାଇଥିଲେ ଓ ୨୦୦ ରୁ ଅଧିକ ଆହତ ହୋଇଥିଲେ। ପୀଡିତମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବା ହସ୍ପିଟାଲଗୁଡ଼ିକରେ ମଧ୍ୟ ବିସ୍ଫୋରଣ ଘଟିଥିଲା। ଭାରତରେ କୌଣସି ଆତଙ୍କବାଦୀ ଆକ୍ରମଣରେ ପ୍ରଥମ ଥର ପାଇଁ ହସ୍ପିଟାଲକୁ ଟାର୍ଗେଟ କରାଯାଇଥିଲା। ଅପରାଧୀଙ୍କ ଦ୍ୱାରା ଦାୟର ସମସ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଥିଲେ ଓ ଫେବୃଆରି ୨୦୨୨ରେ ସ୍ୱତନ୍ତ୍ର କୋର୍ଟ ଦେଇଥିବା ଦଣ୍ଡାଦେଶକୁ କାଏମ ରଖିଥିଲେ। ଏଥିରେ ୩୮ ଆଇଏମ୍ ସଦସ୍ୟଙ୍କ ମୃତ୍ୟୁଦଣ୍ଡ ଓ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଥିଲା।

## ଟ୍ରାଫିକ୍ ଚାଲାଣ ବକେୟା ଥିଲେ ଗାଡ଼ିର ଆରସି, ଲାଇସେନ୍ସ ନବୀକରଣ ବନ୍ଦ

ନୂଆଦିଲ୍ଲୀ,୧।୧୦: ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଇ-ଚାଲାଣ ଜରିମାନା ଦେଇନଥିବା ଗାଡ଼ି ମାଲିକଙ୍କ ପାଇଁ ସୁପ୍ରିମକୋର୍ଟ ଗୁରୁବାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବକେୟା ଟ୍ରାଫିକ୍ ଜରିମାନା ପୈଠ ନହେବା ପର୍ଯ୍ୟନ୍ତ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ନବୀକରଣ, ଡୁପ୍ଲିକେଟ୍ ଆରସି ଜାରି, ମାଲିକାନା ହସ୍ତାନ୍ତର, ଫିଟନେସ୍ ପ୍ରମାଣପତ୍ର ଓ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) ଜାରି ଉପରେ କଟକଣା ଲଗାଇବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କହିଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ବକେୟା ଇ-ଚାଲାଣ ଥିବା ଗାଡ଼ିଗୁଡ଼ିକୁ କେନ୍ଦ୍ରୀୟ 'ପରିବହନ' ପୋର୍ଟାଲରେ ବ୍ଲାକ୍‌ଲିଷ୍ଟ କରାଯିବ। ଫଳରେ ବକେୟା ଜରିମାନା ପୈଠ ନହେବା ପର୍ଯ୍ୟନ୍ତ ସେହି ଗାଡ଼ି ବିକ୍ରି କିମ୍ବା ମାଲିକାନା ହସ୍ତାନ୍ତର କରିବାରେ ମଧ୍ୟ ସମସ୍ୟା ହେବ। ଏହାଛଡ଼ା ଗାଡ଼ିର ମାଲିକଙ୍କ ଠିକଣା ପରିବର୍ତ୍ତନ ଭଳି ଅନ୍ୟ କେତେକ ଅନଲାଇନ୍ ସେବା ମଧ୍ୟ ଅଟକାଇବାକୁ କୋର୍ଟ କହିଛନ୍ତି। ଏକାଧିକ ଥର ଟ୍ରାଫିକ୍ ନିୟମ ଭାଙ୍ଗିଥିବା ମାମଲାରେ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ନ କରିବା ସହ ଚାଲୁ ଲାଇସେନ୍ସକୁ ମଧ୍ୟ ସ୍ଥଗିତ କରିବା ପାଇଁ ପଦକ୍ଷେପ ନେବାକୁ ଖଣ୍ଡପୀଠ କହିଛନ୍ତି। ବକେୟା ଜରିମାନା ସମ୍ପୂର୍ଣ୍ଣ ପୈଠ ନ ହେବା ପର୍ଯ୍ୟନ୍ତ କୌଣସି କେନ୍ଦ୍ର ପିୟୁସି (ପ୍ରଦୂଷଣ ନିୟନ୍ତ୍ରଣ) ପ୍ରମାଣପତ୍ର ଜାରି କରିପାରିବ ନାହିଁ ବୋଲି ମଧ୍ୟ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କୋର୍ଟଙ୍କୁ ଦିଆଯାଇଥିବା ତଥ୍ୟ ଅନୁସାରେ, ଦେଶରେ ଜାରି ହୋଇଥିବା ଇ-ଚାଲାଣରେ ପ୍ରାୟ ୪୯,୧୯୪.୦୫ କୋଟି ଟଙ୍କା ଜରିମାନା ବକେୟା ରହିଥିଲା। ଏଥିରୁ ୨୬,୧୭୫.୦୫ କୋଟି ଟଙ୍କା ଆଦାୟ ହୋଇଛି। ଅର୍ଥାତ୍ ପ୍ରାୟ ୨୩,୦୧୯ କୋଟି ଟଙ୍କା ଏବେ ବି ଆଦାୟ ହୋଇନାହିଁ। କେବଳ ଇ-ଚାଲାଣ ଜାରି କରିଦେଲେ ରାସ୍ତା ସୁରକ୍ଷା ନିୟମର ପ୍ରଭାବୀ କାର୍ଯ୍ୟକାରିତା ହେବନାହିଁ, ଜରିମାନା ଆଦାୟ ମଧ୍ୟ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ନିର୍ଦ୍ଦେଶ ୨୦୧୨ରୁ ଚାଲିଥିବା ଏକ ରାସ୍ତା ସୁରକ୍ଷା ମାମଲାର ଶୁଣାଣି ସମୟରେ ଆସିଛି। 'ଏସ୍. ରାଜଶେଖରନ୍ ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ' ମାମଲାରେ ସୁପ୍ରିମକୋର୍ଟ ପ୍ରାୟ ୧୪ ବର୍ଷ ଧରି ମୋଟର ଯାନ ଆଇନ ଓ କେନ୍ଦ୍ରୀୟ ମୋଟର ଯାନ ନିୟମର କାର୍ଯ୍ୟକାରିତା ଉପରେ ନଜର ରଖିଆସୁଛନ୍ତି। ଗୁରୁବାରର ଶୁଣାଣିରେ କୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଇ-ନିରୀକ୍ଷଣ ଓ ଇ-କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମାନକ ପ୍ରକ୍ରିୟା ଲାଗୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସ୍ପିଡ୍ କ୍ୟାମେରା, ସିସିଟିଭି ଓ ସ୍ପିଡ୍ ଗନ୍ ଭଳି ଉପକରଣର ବ୍ୟବହାର ବଢ଼ାଇବା, ଇ-ନିରୀକ୍ଷଣ ସ୍ଥାନ ଚିହ୍ନଟ କରିବା ଓ ଉପକରଣ କିଣି ଲଗାଇବାକୁ କୁହାଯାଇଛି। ଇ-ଚାଲାଣ ଦେଇ ଦାୟିତ୍ୱ ଶେଷ ନକରି ବକେୟା ଚାଲାଣ ଥିବା ଗାଡ଼ିର ରାସ୍ତାରେ ଯାଞ୍ଚ କରିବାକୁ ମଧ୍ୟ କୁହାଯାଇଛି। ଏପରି ଗାଡ଼ି ଧରାପଡ଼ିଲେ ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରିବା ପାଇଁ ପଦକ୍ଷେପ ନିଆଯିବ। ରିପୋର୍ଟ ଅନୁସାରେ, ଦେଶରେ ଟ୍ରାଫିକ୍ ଚାଲାଣ ସଂଖ୍ୟା ୨୦୨୧ରେ ୪.୨ କୋଟି ଥିବାବେଳେ ୨୦୨୫ରେ ୯.୬ କୋଟିକୁ ବଢ଼ିଛି। ୨୦୨୬ର ପ୍ରଥମ ୯ ମାସରେ ଏହା ୭.୮ କୋଟିରେ ପହଞ୍ଚିଛି। ଏହି ସମୟରେ ବକେୟା ଚାଲାଣର ଅନୁପାତ ମଧ୍ୟ ବଢ଼ିଛି।



## ୪ ବର୍ଷ ଧରି ଫ୍ରିଜରରେ ଥିଲା ୮୦ ବର୍ଷୀୟ ବୃଦ୍ଧଙ୍କ ମୃତଦେହ

ନୂଆଦିଲ୍ଲୀ,୧।୧୦: ମୁମ୍ବାଇର ମଲାଡ୍ ଅଞ୍ଚଳରୁ ଆସିଛି ଏକ ଚକିତ କରିଦେବା ଘଟଣା। ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତଦେହକୁ ପ୍ରାୟ ୪ ବର୍ଷ ଧରି ତାପମାତ୍ରା ନିୟନ୍ତ୍ରିତ ଫ୍ରିଜରରେ ସଂରକ୍ଷିତ କରି ରଖିଥିଲେ ପରିବାର। କୁରାର ପୁଲିସ୍ ଘଟଣା ବିଷୟରେ ସୂଚନା ପାଇବା ପରେ ସମ୍ପୃକ୍ତ ସ୍ଥାନରେ ପହଞ୍ଚି ଫ୍ରିଜର ଭିତରୁ ମୃତଦେହ ଉଦ୍ଧାର କରିଥିଲା। ପୁଲିସ୍ ତଦନ୍ତରୁ ଜଣାପଡ଼ିଛି, ବୃଦ୍ଧଙ୍କ ମୃତ୍ୟୁ ୨୦୨୨ ମସିହାରେ ସ୍ୱାଭାବିକ କାରଣରୁ ହୋଇଥିଲା । ସେ ଦୀର୍ଘଦିନ ଧରି କ୍ୟାନସର, କିଡନି ଫେଲିଅର୍ ଏବଂ ବୟସଜନିତ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ। ତେବେ ମୃତ୍ୟୁ ପରେ ପରିବାର ତାଙ୍କର ପାରମ୍ପରିକ ଅନ୍ତ୍ୟେଷ୍ଟି ନକରିବାକୁ ନିଷ୍ପତ୍ତି ନେଇଥିଲା। ବୃଦ୍ଧଙ୍କ ପତ୍ନୀ ଓ ସନ୍ତାନମାନେ ତାଙ୍କ ସହ ଗଭୀର ଭାବନାତ୍ମକ ସମ୍ପର୍କ ଥିବାରୁ ମୃତ୍ୟୁକୁ ଗ୍ରହଣ କରିପାରୁ ନଥିଲେ । ପ୍ରଥମେ ଘରେ ଏକ ସ୍ୱତନ୍ତ୍ର ଫ୍ରିଜରରେ ମୃତଦେହକୁ ରଖାଯାଇଥିଲା । ପରେ ମଲାଡ୍‌ର ଏକ ଡେ କେୟାର୍ ସୁବିଧାରେ ଥିବା ତାପମାତ୍ରା ନିୟନ୍ତ୍ରିତ ଫ୍ରିଜରକୁ ମୃତଦେହ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ପରିବାର ପ୍ରତିମାସ ଭଡ଼ା ଦେଉଥିଲା ଏବଂ ଚାରି ବର୍ଷରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି । ପରିବାରର ଆଶା ଥିଲା ଯେ, ଭବିଷ୍ୟତରେ ମୃତଦେହକୁ ଆମେରିକାର କୌଣସି କ୍ରାୟୋନିକ୍ସ ଫ୍ୟାସିଲିଟିକୁ ପଠାଯିବ। ଚିକିତ୍ସା ବିଜ୍ଞାନ ଆହୁରି ଉନ୍ନତ ହେଲେ ଦିନେ ମୃତ ବ୍ୟକ୍ତିଙ୍କୁ ପୁଣି ଜୀବିତ କରିବା ସମ୍ଭବ ହୋଇପାରେ ବୋଲି ସେମାନେ ଭାବୁଥିଲେ। କ୍ରାୟୋନିକ୍ସ ପ୍ରକ୍ରିୟାରେ କାନୁନଗତ ଭାବେ ମୃତ ଘୋଷିତ ବ୍ୟକ୍ତିଙ୍କ ଶରୀରରୁ ରକ୍ତ ବାହାର କରି ତାହାର ସ୍ଥାନରେ ବିଶେଷ କ୍ରାୟୋପ୍ରୋଟେକ୍ଟିଭ୍ ରାସାୟନିକ ଭରାଯାଏ । ପରେ ଶରୀର କିମ୍ବା କେବଳ ମୁଣ୍ଡକୁ ଲିକ୍ୱିଡ୍ ନାଇଟ୍ରୋଜେନରେ ପ୍ରାୟ ମାଇନସ୍ ୧୯୬ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ସଂରକ୍ଷଣ କରାଯାଏ। ତେବେ ବର୍ତ୍ତମାନର ମୁଖ୍ୟଧାରା ବିଜ୍ଞାନ ଅନୁଯାୟୀ, ଏପରି ଭାବେ ସଂରକ୍ଷିତ ମୃତଦେହକୁ ପୁଣି ଜୀବିତ କରିବାର କୌଣସି ପ୍ରମାଣିତ ପ୍ରଯୁକ୍ତି ନାହିଁ । ପୁଲିସ୍ ପରିବାର ସହ କଥାବାର୍ତ୍ତା ଓ କାଉନସେଲିଂ କରିବା ପରେ ସେମାନଙ୍କୁ ଅନ୍ତ୍ୟେଷ୍ଟି ପାଇଁ ରାଜି କରାଇଥିଲା। ଶେଷରେ ମୃତ୍ୟୁର ପ୍ରାୟ ୪ ବର୍ଷ ପରେ ବୃଦ୍ଧଙ୍କ ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଛି ।

## ପାକିସ୍ତାନୀ ବିମାନ ଆକ୍ରମଣ ପରେ ତାଲିବାନ ମନ୍ତ୍ରୀଙ୍କ ଚେତାବନୀ
## ଦୁଇ ଦିନ ମଧ୍ୟରେ ପେଶାୱରରେ ଆଫଗାନ ପତାକା ଉତ୍ତୋଳନ କରିବୁ



କାବୁଲ୧।୧୦:ପାକିସ୍ତାନୀ ସେନା ପୁଣି ଥରେ ଆଫଗାନିସ୍ତାନରେ ଏକ ବିମାନ ଆକ୍ରମଣ କରିଛି। ଆଫଗାନିସ୍ତାନ କହିଛି ଯେ, ଏଥିରେ ୯ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ୧୧ ଜଣ ଆହତ ହୋଇଛନ୍ତି। ପାକିସ୍ତାନୀ ସେନା ମଧ୍ୟ କହିଛି ଯେ, ସେମାନେ ଦୁଇଟି ସ୍ଥାନରେ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଛନ୍ତି। ପାକିସ୍ତାନୀ ସେନା ଦାବି କରିଛି, ୨୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି, କିନ୍ତୁ ଏହି ଦାବିର କୌଣସି ସତ୍ୟତା ମିଳି ନାହିଁ। ଏହି ସମୟରେ, ତାଲିବାନ ସରକାରଙ୍କ ମନ୍ତ୍ରୀ ନୁରୁଲ୍ଲାହ ନୁରି ପାକିସ୍ତାନୀ ସେନା ଏବଂ ଆଇଏସଆଇକୁ ଏକ ଗମ୍ଭୀର ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନୀ ସେନା ଆଫଗାନିସ୍ତାନର ଇତିହାସରୁ ଶିକ୍ଷା ଗ୍ରହଣ କରିବା ଉଚିତ୍। ଯଦି ତାଲିବାନ ଚାହିଁବ ତେବେ ଦୁଇ ଦିନ ମଧ୍ୟରେ ପାକିସ୍ତାନର ପେଶାୱରରେ ସେମାନଙ୍କର ପତାକା ଉତ୍ତୋଳନ କରିପାରିବ। ନୁରି ଆଫଗାନିସ୍ତାନର କାର୍ଯ୍ୟକାରୀ ସୀମା ବ୍ୟାପାର ମନ୍ତ୍ରୀ। ତାଲିବାନ ମନ୍ତ୍ରୀ ପାକିସ୍ତାନକୁ ଆଫଗାନ ଲୋକଙ୍କ ଧୈର୍ଯ୍ୟ ପରୀକ୍ଷା ନ କରିବାକୁ ଚେତାବନୀ ଦେଇଛନ୍ତି। ପାକିସ୍ତାନକୁ ଆଫଗାନିସ୍ତାନ ଏବଂ ଏହାର ଲୋକଙ୍କୁ କମ୍ ଭାବେ ଆକଳନ ନକରିବାକୁ ଚେତାବନୀ ଦେଇଛନ୍ତି। ଆଫଗାନିସ୍ତାନ ଏହାର ପଡ଼ୋଶୀମାନଙ୍କ ସହିତ ସଂଘର୍ଷ ଚାହୁଁନାହିଁ, କିନ୍ତୁ ଧମକ ଦେଲେ ଜବାବ ଦେବୁ। ତାଲିବାନ ସେନା ଯେକୌଣସି ସାମରିକ ବିପଦର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ତାଗିଦ୍ କରିଛନ୍ତି।

## ଜିଏସ୍‌ଟି ଆଦାୟ ୧୪.୭% ବୃଦ୍ଧି ପାଇ ୨.୦୪ ଲକ୍ଷ କୋଟି

ନୂଆଦିଲ୍ଲୀ,୧।୧୦: ଦେଶରେ ଜିଏସଟି ଆଦାୟ ପୁଣି ଥରେ ୨ ଲକ୍ଷ କୋଟି ଟଙ୍କା ଟପିଛି। ୨୦୨୬ ସେପ୍ଟେମ୍ବରରେ ମୋଟ ୨,୦୩,୫୨୧ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଛି। ୨୦୨୫ ସେପ୍ଟେମ୍ବରରେ ତାହା ୧,୭୭,୦୨୧ କୋଟି ଟଙ୍କା ଥିଲା। ଅର୍ଥାତ୍ ଗତ ବର୍ଷ ତୁଳନାରେ ଜିଏସଟି ସଂଗ୍ରହ ୧୪.୭% ବଢ଼ିଛି। ସେପ୍ଟେମ୍ବରରେ ଜିଏସଟି ଆଦାୟ ଲଗାତାର ତୃତୀୟ ମାସ ପାଇଁ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ସେପ୍ଟେମ୍ବରରେ ଦେଶ ଭିତରେ ହୋଇଥିବା କାରବାର ଓ ସେବାରୁ ୧,୩୮,୦୦୦ କୋଟି ଟଙ୍କାର ମୋଟ ଜିଏସଟି ଆଦାୟ ହୋଇଛି। ଏହା ଗତବର୍ଷ ସେପ୍ଟେମ୍ବରର ୧,୨୫,୦୦୦ କୋଟି ଟଙ୍କା ତୁଳନାରେ ୧୦.୧% ଅଧିକ। ଅନ୍ୟପକ୍ଷରେ, ବିଦେଶରୁ ଆସୁଥିବା ସାମଗ୍ରୀ ଉପରେ ଜିଏସଟି ଆଦାୟ ୬୫,୫୨୫ କୋଟି ଟଙ୍କା ହୋଇଛି। ଗତବର୍ଷ ଏହା ୫୨,୦୩୧ କୋଟି ଟଙ୍କା ଥିଲା। ଅର୍ଥାତ୍ ଆମଦାନି ଉପରୁ ଜିଏସଟି ଆଦାୟ ୨୫.୯% ବଢ଼ିଛି। ସେପ୍ଟେମ୍ବରରେ କେନ୍ଦ୍ରୀୟ ଜିଏସଟି ୩୭,୭୬୨ କୋଟି ଟଙ୍କା, ରାଜ୍ୟ ଜିଏସଟି ୪୫,୩୬୩ କୋଟି ଟଙ୍କା ଓ ସମନ୍ୱିତ ଜିଏସଟି ୧,୨୦,୦୦୦ କୋଟି ଟଙ୍କା ଆଦାୟ ହୋଇଛି। ସେପ୍ଟେମ୍ବରରେ ବ୍ୟବସାୟୀ ଓ ରପ୍ତାନିକାରୀଙ୍କୁ ଦିଆଯାଇଥିବା ଜିଏସଟି ରିଫଣ୍ଡ ୨୭,୦୦୧ କୋଟି ଟଙ୍କା ଥିଲା।

## ପାଲାୟମ୍ ହିଂସା: ୧୬୦ ଯୁବ କଂଗ୍ରେସ ଓ ଏସ୍‌ଏଫ୍‌ଆଇ କର୍ମୀ ବିରୋଧରେ ମାମଲା

ତିରୁବନନ୍ତପୁରମ୍,୧।୧୦: ନିର୍ବାଚନ କମିସନଙ୍କ ବିରୋଧରେ ପ୍ରଦର୍ଶନ ବେଳେ ବୁଧବାର ରାତିରେ କେରଳର ତିରୁବନନ୍ତପୁରମର ପଲାୟମ୍ ଅଞ୍ଚଳରେ ସଂଘର୍ଷ ପରେ ପୋଲିସ ୮୦ ଜଣ ଯୁବ କଂଗ୍ରେସ/କେଏସୟୁ କର୍ମୀ ଏବଂ ସମାନ ସଂଖ୍ୟକ ଏସ୍‌ଏଫ୍‌ଆଇ/ଡିୱାଇଏଫ୍‌ଆଇ କର୍ମୀଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରିଛି। କେନ୍ଦ୍ର ସରକାର ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଯୁବ କଂଗ୍ରେସ ଏବଂ କେଏସୟୁ କର୍ମୀମାନେ ଏକ ପ୍ରତିବାଦ ଶୋଭାଯାତ୍ରା ବାହାର କରିବା ପରେ ହିଂସା ଘଟିଥିଲା। ଶୋଭାଯାତ୍ରା କେରଳ ବିଶ୍ୱବିଦ୍ୟାଳୟ ହଷ୍ଟେଲ ନିକଟରେ ପହଞ୍ଚିବା ପରେ ଅଶାନ୍ତି ସୃଷ୍ଟି ହୋଇଥିଲା। କଂଗ୍ରେସ ଓ କେଏସୟୁ କର୍ମୀ କହିଛନ୍ତି, ହଷ୍ଟେଲରୁ ସେମାନଙ୍କ ଉପରକୁ ପଥର ଫିଙ୍ଗା ଯାଇଥିଲା। ଏସ୍‌ଏଫ୍‌ଆଇ/ଡିୱାଇଏଫ୍‌ଆଇ କର୍ମୀ କହିଛନ୍ତି ସେମାନଙ୍କ ଉପରକୁ ଜଳନ୍ତା ନିଆଁ ଫିଙ୍ଗା ଯାଇଥିଲା। ପୁଲିସ ହସ୍ତକ୍ଷେପ କରି ଗୋଷ୍ଠୀଗୁଡ଼ିକୁ ଘଉଡ଼ାଇବା ପାଇଁ ହଷ୍ଟେଲ ଭିତରେ ଓ ପରିସର ବାହାରେ ଲାଠିଚାର୍ଜ କରିଥିଲା। ପୁଲିସ କହିଛି ଯେ ମାମଲାଗୁଡ଼ିକରେ ଆଗତ ଅପରାଧ ଜାମିନଯୋଗ୍ୟ ନ ଥିବାରୁ ଅଭିଯୁକ୍ତମାନଙ୍କୁ ସମନ କରାଯାଇ ଗିରଫ କରାଯିବ। ଅନ୍ୟପକ୍ଷରେ ପ୍ରତିବାଦରେ ଏସ୍‌ଏଫ୍‌ଆଇ ଗୁରୁବାର ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟବ୍ୟାପୀ ପ୍ରତିବାଦ ଘୋଷଣା କରିଛି।

## ଶୁଳ୍କ ପୂର୍ବରୁ ୟୁପିଆଇ କାରବାର କମିଲା

ନୂଆଦିଲ୍ଲୀ,୧।୧୦: ଚଳିତ ମାସ ୧୫ରୁ ଦୁଇ ହଜାର ଟଙ୍କାରୁ ଅଧିକ ମୂଲ୍ୟର ବାଣିଜ୍ୟିକ ୟୁପିଆଇ କାରବାର ଉପରେ ୦.୪ ପ୍ରତିଶତର ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ୍ ରେଟ୍ (ଏମଡିଆର) ଲାଗିବ। ଏହା ପୂର୍ବରୁ ୟୁପିଆଇ କାରବାରରେ ହ୍ରାସ ଘଟିଛି। ଗତ ଅଗଷ୍ଟରେ ଦେଶରେ ରେକର୍ଡ ୨୪.୫୧ ବିଲିଅନ ଥର ୟୁପିଆଇ କାରବାର ହୋଇଥିଲା। ସେପ୍ଟେମ୍ବରରେ ଏହା ୨୪.୦୭ ବିଲିଅନକୁ ହ୍ରାସ ପାଇଛି।

### ବିଶ୍ୱ ମଞ୍ଚରେ ପୁଣି ବିଷ ଓଗାଳିଲା ପାକିସ୍ତାନ

# କାଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ ନୁହେଁ

ନୂଆଦିଲ୍ଲୀ,୧।୧୦: କାଶ୍ମୀର ପ୍ରସଙ୍ଗକୁ ନେଇ ପୁଣି ଥରେ ଜାତିସଂଘ ମାନବାଧିକାର ପରିଷଦରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି । ଜେନେଭାରେ ଚାଲିଥିବା ଜାତିସଂଘ ମାନବାଧିକାର ପରିଷଦର ୬୩ତମ ଅଧିବେଶନରେ ଦୁଇ ଦେଶ ଜମ୍ମୁ-କାଶ୍ମୀର ପ୍ରସଙ୍ଗରେ ପରସ୍ପରର ମତକୁ ଖଣ୍ଡନ କରିଛନ୍ତି । ପାକିସ୍ତାନ ପକ୍ଷରୁ କାଶ୍ମୀରକୁ ଏକ ଅନ୍ତର୍ଜାତୀୟ ବିବାଦୀୟ ଅଞ୍ଚଳ ଭାବେ ଉପସ୍ଥାପନ କରାଯାଇଛି । ପାକିସ୍ତାନୀ ପ୍ରତିନିଧିମାନେ ଜାତିସଂଘ ସୁରକ୍ଷା ପରିଷଦର ସମ୍ପୃକ୍ତ ପ୍ରସ୍ତାବ ଏବଂ କାଶ୍ମୀରବାସୀଙ୍କ ଆତ୍ମନିର୍ଣ୍ଣୟ ଅଧିକାରର କଥା ଉଠାଇଛନ୍ତି। ପାକିସ୍ତାନର ପ୍ରଥମ ସଚିବ ଅଦିଲ ମମତାଜ ଖୋକର ମଧ୍ୟ ପୂର୍ବରୁ ଏହି ମଞ୍ଚରେ କାଶ୍ମୀରକୁ 'ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତାପ୍ରାପ୍ତ ବିବାଦୀୟ ଅଞ୍ଚଳ' ବୋଲି ଦାବି କରିଥିଲେ। ଅନ୍ୟପଟେ, ଭାରତ ପାକିସ୍ତାନର ଏହି ଆଭିମୁଖ୍ୟକୁ ଖଣ୍ଡନ କରିଛି । ସେପ୍ଟେମ୍ବର ୨୪ରେ ଭାରତୀୟ କୂଟନୈତିଜ୍ଞ କ୍ଷିତିଜ ତ୍ୟାଗୀ ଜାତିସଂଘ ମାନବାଧିକାର ପରିଷଦରେ ଭାରତର ଅଧିକାରର ଉତ୍ତର ଦେଇ କହିଥିଲେ ଯେ ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଛି, ଅଛି ଏବଂ ଆଗକୁ ମଧ୍ୟ ରହିବ । ସେ ପାକିସ୍ତାନ ନିୟନ୍ତ୍ରଣରେ ଥିବା ଜମ୍ମୁ-କାଶ୍ମୀରର ଅଞ୍ଚଳ ଖାଲି କରିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ । ଭାରତୀୟ ପକ୍ଷ ପାକିସ୍ତାନର ମାନବାଧିକାର ସମ୍ପର୍କିତ ଅଭିଯୋଗର ପ୍ରତିଜବାବରେ ସେଠାକାର ସଂଖ୍ୟାଲଘୁଙ୍କ ସ୍ଥିତି, ଆତଙ୍କବାଦ ଓ ଜମ୍ମୁ-କାଶ୍ମୀରରେ ପାକିସ୍ତାନର ଭୂମିକା ସମ୍ପର୍କରେ ନିଜର ଅଭିଯୋଗ ଉଠାଇଥିଲା । ତ୍ୟାଗୀ କହିଥିଲେ ଯେ ଆନ୍ତର୍ଜାତୀୟ ମଞ୍ଚରେ କାଶ୍ମୀର ପ୍ରସଙ୍ଗ ଉଠାଇବା ପରିବର୍ତ୍ତେ ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ସମସ୍ୟା ଓ ଆତଙ୍କବାଦ ସମ୍ପର୍କିତ ପ୍ରସଙ୍ଗ ଉପରେ ଧ୍ୟାନ ଦେବା ଉଚିତ ବୋଲି ଭାରତର ପକ୍ଷ ରହିଥିଲା ।



# ରାଜଧାନୀରେ ବନ୍ଧୁକ ମୁନରେ ଦୁଷ୍କର୍ମ !

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ବନ୍ଧୁକ ମୁନରେ ଜଣେ ଯୁବତୀଙ୍କୁ ତାଙ୍କ ଭଡ଼ାଘରେ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବୁଧବାର ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ଏହି ଘଟଣା ଘଟିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ପୀଡିତା ଯୁବତୀ ଜଣକ ତାଙ୍କ ବଡ଼ ଭଉଣୀଙ୍କ ସହ ନୂଆପଲ୍ଲୀରେ ଏକ ଭଡ଼ା ଘରେ ରହୁଥିଲେ। ଘର ମାଲିକ ପ୍ରଥମ ମହଲାରେ ରହୁଥିଲେ। ଗତକାଲି ରାତିରେ ସେ ଭଡ଼ା ଘରେ ଥିବା ସମୟରେ ଜଣେ ଅଜଣା ବ୍ୟକ୍ତି ମୁହଁରେ ମାସ୍କ ପିନ୍ଧି ଘର ଭିତରକୁ ପ୍ରବେଶ କରିଥିଲେ। ତାଙ୍କୁ ବନ୍ଧୁକ ଦେଖାଇ ପ୍ରଥମେ ଭୟଭୀତ କରିଥିଲେ। ପରେ ତାଙ୍କୁ ଦୁଷ୍କର୍ମ କରିଥିବା ଯୁବତୀ ଅଭିଯୋଗ କରିଛନ୍ତି। ଏନେଇ ଯୁବତୀ ଜଣକ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ପରିଚୟ ଓ ଘଟଣାର ସମସ୍ତ ଦିଗ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜଣକ ପରିଚୟ ଲୁଚାଇ ଆସିଥିବା ବେଳେ ତାକୁ ଧରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପୋଲିସ ଟିମ୍ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଗୁଡିକୁ ଯାଞ୍ଚ କରୁଛି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ଅଭିଯୁକ୍ତକୁ ଧରିବାକୁ ପୋଲିସ ଛାନଭିନ ଚଳାଇଛି। ଏନେଇ ଡିସିପି ଅଫିସ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ୨୬ ବର୍ଷୀୟା ପୀଡିତା ଜଣକ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ସେ ରହୁଥିବା ଭଡ଼ା ଘରେ ଥିବାବେଳେ ଜଣେ ଅଜଣା ବ୍ୟକ୍ତି ଘରକୁ ପଶି ତାଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡ଼ିତା ତାଙ୍କ ବଡ଼ ଭଉଣୀଙ୍କ ସହ ଉକ୍ତ ଭଡ଼ା ଘରେ ରହୁଥିବା ବେଳେ ଘର ମାଲିକ ପ୍ରଥମ ମହଲାରେ ରହୁଛନ୍ତି। ଅଭିଯୁକ୍ତ ଏକ ବନ୍ଧୁକ କିମ୍ବା ଖେଳନା ବନ୍ଧୁକ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ବୋଲି କୁହାଯାଇଛି।

# ନିର୍ମାଣାଧୀନ କୋଠାରୁ ଚୋରି, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ନିର୍ମାଣଧିନ କୋଠାରୁ ଚୋରି କରିବା ଅଭିଯୋଗରେ ଇନଫୋସିଟି ଥାନା ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସିଦ୍ଧାର୍ଥ ନାୟକ ଓ ଅନୁଭବ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଇନଫୋସିଟି ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ କୋଠାରୁ ଗତ ବିଳମ୍ବିତ ରାତି ୦୧.୧୦.୨୦୨୬ ପ୍ରାୟ ୨ ଟା ସମୟରେ ଅଭିଯୋଗକାରୀ ପ୍ରଶାନ୍ତ ମହାନ୍ତି ସୁପରଭାଇଜର ଏବଂ ତାଙ୍କ କର୍ମଚାରୀମାନେ ଦେଖିବାକୁ ପାଇଥିଲେ ଯେ ଦୁଇ ଜଣ ଅଜଣା ବ୍ୟକ୍ତି ସେମାନଙ୍କ କୋଠା ପରିସରରୁ ବିଭିନ୍ନ ଲୁହା ସାମଗ୍ରୀ ଓ ଯନ୍ତ୍ରପାତି ଚୋରି କରି ଏକ ଅଟୋରେ ଲୋଡ୍ କରୁଛନ୍ତି। ସେମାନେ ଅତି ଚତୁରତାର ସହ ଦୁଇ ଚୋରଙ୍କୁ ଘଟଣାସ୍ଥଳରେ ହିଁ କାବୁ କରିନେଇଥିଲେ ଏବଂ ପିସିଆର ପୋଲିସକୁ ଖବର ଦେଇଥିଲେ। ଇନଫୋସିଟି ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଭିଯୁକ୍ତ ସିଦ୍ଧାର୍ଥ ନାୟକ ଓ ଅନୁଭବ ନାୟକଙ୍କୁ ଗିରଫ କରିବା ସହ ୫୦ ହଜାର ଟଙ୍କାର ଚୋରି ସାମଗ୍ରୀ ଏବଂ ଚୋରିରେ ବ୍ୟବହୃତ ଅଟୋକୁ ଜବତ କରି ଥାନାକୁ ଆଣିଥିଲା। ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ସାନ ଭାଇ ଅନୁଭବ ନାୟକ ନାମରେ ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାରେ ଏକ ମାମଲା ରହିଥିବା ଯାଞ୍ଚରୁ ଜଣାପଡିଛି। ସଂଗୃହୀତ ପ୍ରମାଣ ଆଧାରରେ ଉଭୟଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ମହିଳାଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର): ସୋସିଆଲ ମିଡ଼ିଆରେ ମହିଳାଙ୍କ ଫଟୋ ଭାଇରାଲ କରିବା ସହ ଆଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ତପନ କୁମାର ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ପୁରୀ-ଭୁବନେଶ୍ୱର ହାଇୱେ କଡ଼ରେ ଥିବା ଏକ ଜମି ବିକ୍ରିକୁ ନେଇ ଅଭିଯୋଗକାରିଣୀ ବିକ୍ରେତାଙ୍କ ପକ୍ଷରୁ ଏବଂ ଅଭିଯୁକ୍ତ ତପନ ସାହୁ କ୍ରେତାଙ୍କ ପକ୍ଷରୁ ମଧ୍ୟସ୍ଥି ଥିଲେ। ପୂର୍ବ ନିର୍ଦ୍ଧାରିତ ଚୁକ୍ତି ଅନୁଯାୟୀ ଜମି ବିକ୍ରି ହେବା ପରେ ଅଭିଯୋଗକାରିଣୀ ଗତ ୨୯.୦୯.୨୦୨୬ ତାରିଖରେ ନିଜ ଭାଗ କମିଶନରୁ ୩୦,୦୦୦/- ଟଙ୍କା ଫୋନ୍ ପେ' ମାଧ୍ୟମରେ ତପନକୁ ପଠାଇଦେଇଥିଲେ। ମାତ୍ର କମିଶନ ଟଙ୍କା ପାଇସାରିବା ପରେ ମଧ୍ୟ ଅଭିଯୁକ୍ତ ତପନ ଚକ୍ରାନ୍ତ କରି ରିଅଲ୍ ଇଷ୍ଟେଟ୍ ବ୍ୟବସାୟୀ ଓ ବିଲ୍ଡରମାନେ ଥିବା ବିଭିନ୍ନ ଲୋକାଲ୍ ହ୍ୱାଟସ୍ ଆପ୍ ଗ୍ରୁପରେ ଅଭିଯୋଗକାରିଣୀଙ୍କ ପ୍ରୋଫାଇଲ୍ ଫଟୋ ସେୟାର କରି ତାଙ୍କ ନାମରେ ଅଶ୍ଲୀଳ, ମିଥ୍ୟା ଓ ଅପମାନଜନକ ଅଡିଓ ଛାଡ଼ିଥିଲା। ଏହି ଅଡିଓରେ ସେ ଅଭିଯୋଗକାରିଣୀଙ୍କୁ 'ଠକେଇ କରିଥିବା ମହିଳା', ଏବଂ ଆପତ୍ତି ଜନକ କଥା କହି ଅପମାନିତ କରିବା ସହ ତାଙ୍କ ବ୍ୟକ୍ତିଗତ ଜୀବନ ଓ ବୃତ୍ତିକୁ ନେଇ କୁତ୍ସା ରଚନା କରିଥିଲା। ଏପରିକି ତାଙ୍କ ସହ କେହି ଯେପରି ବ୍ୟବସାୟ ନ କରନ୍ତି ସେନେଇ ସର୍ବସାଧାରଣରେ ଘୋଷଣା କରି ତାଙ୍କ ଜୀବିକା ନଷ୍ଟ କରିବାକୁ ଉଦ୍ୟମ କରିଥିଲା ଏବଂ ହତ୍ୟା ଧମକ ମଧ୍ୟ ଦେଇଥିଲା। ଏୟାରପୋର୍ଟ ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତ ତପନ କୁମାର ସାହୁକୁ କାବୁ କରିବା ସହ ତା' ମୋବାଇଲ୍ ଜବତ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ମହିଳାଙ୍କ ସମ୍ମାନହାନି କରିଥିବା ଏହି ଅଭିଯୁକ୍ତକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଦୁଇ ବାଇକ ମୁହାଁମୁହିଁ ଧକ୍କା: ୪ ଆହତ



ବୁଗୁଡ଼ା(ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖୋଳଖାଳି ଛକ ନିକଟରେ ଗୁରୁବାର ସନ୍ଧ୍ୟା ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଜିରାବାଡ଼ି ଗ୍ରାମର ଜିତେନ୍ଦ୍ର ସାଥୁଆ ଓ ଗୋପାଳ ସେଠୀ ଏବଂ ବୁଗୁଡ଼ା ଥାନା ପଙ୍କଳବାଡ଼ି ଗ୍ରାମର ଚନ୍ଦନ ଦାସ ଓ ପାୟଲ ନାୟକ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବୁଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲା। ଠିକ ସମୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ, ସ୍ଥାନୀୟ ପୋଲିସ ବିଳମ୍ବ ନକରି ଏକ ଅଟୋ ସାହାଯ୍ୟରେ ଆହତମାନଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଦୁର୍ଘଟଣା ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିଥିବା ଜଣାପଡିଛି ।

---

### ବେଆଇନ ମୋଡିଫାଏଡ୍ ସାଇଲେନ୍ସର ଉପରେ ଟାଉନ୍ ପୋଲିସର ଚଢ଼ାଉ

# ୭ ବାଇକ୍ ଜବତ, ୮୦ ହଜାର ଜରିମାନା

କଳାହାଣ୍ଡି(ନିପ୍ର): ସହରରେ ବଢୁଥିବା ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଏବଂ ମୋଟର ଯାନ ଆଇନର କଡ଼ା ପାଳନ ଲକ୍ଷ୍ୟରେ ଭବାନୀପାଟଣା ଟାଉନ୍ ଥାନା ପୋଲିସ ପକ୍ଷରୁ ଏକ ବିଶେଷ ଚେକିଂ ଅଭିଯାନ କରାଯାଇଛି। ଗାଡ଼ିରେ କମ୍ପାନୀ ସାଇଲେନ୍ସର କାଢ଼ି ବେଆଇନ ଭାବେ ମୋଡିଫାଏଡ୍ ସାଇଲେନ୍ସର ଲଗାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାହନ ଚାଳକଙ୍କ ଉପରେ ପୋଲିସ କଡ଼ା ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ସ୍ପେଶାଲ୍ ଜାଞ୍ଚ ଅଭିଯାନ ସମୟରେ ଟାଉନ୍ ଥାନା ପୋଲିସ ଟିମ୍ ସହରର ବିଭିନ୍ନ ପ୍ରମୁଖ ଛକରେ ଯାଞ୍ଚ କ୍ରିୟା କଡ଼ାକଡ଼ି କରିଥିଲେ। ପ୍ରଚଣ୍ଡ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ୭ଟି ଦୁଇଚକିଆ ଯାନ (ବିଶେଷ କରି ବୁଲେଟ୍ ଓ ସ୍ପୋର୍ଟସ୍ ବାଇକ୍) କୁ ପୋଲିସ ଜବତ କରିଛି। ଏହାସହ ନିୟମ ଭଙ୍ଗକାରୀଙ୍କ ବିରୋଧରେ ମୋଟର ଯାନ ଆଇନ୍ ଅନୁଯାୟୀ ଚାଲାଣ କାଟି ମୋଟ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବରିଷ୍ଠ ନାଗରିକ, ରୋଗୀ ଓ ପରୀକ୍ଷାର୍ଥୀଙ୍କୁ ଶବ୍ଦ ପ୍ରଦୂଷଣଜନିତ ସମସ୍ୟାରୁ ମୁକ୍ତି ଦେବା ପାଇଁ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ କଡ଼ାକଡ଼ି ଭାବେ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି। ଯେଉଁମାନେ ଗାଡ଼ିରେ ବେଆଇନ ସାଇଲେନ୍ସର ବ୍ୟବହାର କରୁଛନ୍ତି, ସେମାନେ ତୁରନ୍ତ ତାହା ହଟାଇ କମ୍ପାନୀ ସାଇଲେନ୍ସର ଲଗାଇବାକୁ ପୋଲିସ ସଚେତନ କରିଛି, ନଚେତ୍ ଆଗକୁ ଗାଡ଼ି ଜବତ ସହ ଆହୁରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଟାଉନ୍ ଥାନା ପୋଲିସର ଏହି କଡ଼ା ପଦକ୍ଷେପକୁ ଭବାନୀପାଟଣା ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସ୍ଥାନୀୟ ଜନସାଧାରଣ ସାଧୁବାଦ ଜଣାଇଛନ୍ତି।

# ଭାଉଜର ଦଶାହ କାର୍ଯ୍ୟକୁ ଆସି ନଣନ୍ଦର ମୃତ୍ୟୁ

ଭାପୁର(ନିପ୍ର): ଜଣେ ବିଧବା ମହିଳା ନିଜ ଭାଉଜଙ୍କ ଶୁଦ୍ଧିକ୍ରିୟା ପାଇଁ ଦଶ ତୁଠକୁ ଯାଇ ଫେରିବା ସମୟରେ ହୃଦଘାତରେ ମୃତ୍ୟୁ ହୋଇଥିବା ନେଇ ଅଭାବବୀୟ ଘଟଣା ଫତେଗଡ଼ ଥାନା ଅଞ୍ଚଳରେ ଘଟିଯାଇଛି। ଘଟଣାରୁ ପ୍ରକାଶ, ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଏଲପଡା ଗ୍ରାମର ସ୍ୱର୍ଗତ ଧୂଳି ରଣଜିତଙ୍କ ବିଧବା ପତ୍ନୀ ଦର୍ପଣୀ ରଣଜିତ ନିଜ ଭାଇ ଚତୁର୍ଭୁଜ ପାତ୍ରଙ୍କ ସ୍ତ୍ରୀ ସୌରୀ ଯେ କି ତାଙ୍କ ଭାଉଜଙ୍କ ଦଶ ଖଟିବା ପାଇଁ ଗୋଳାପୋଖରୀ ପଞ୍ଚାୟତ ଜଗଦୀଶ ପ୍ରସାଦ ଗ୍ରାମକୁ ବୁଧବାର ଯାଇଥିଲେ। ଦଶ ତୁଠରୁ ଫେରିବା ପରେ ବାପଘର ସମ୍ମୁଖରେ ଦର୍ପଣୀଙ୍କ ହୃଦଘାତ ହୋଇ ଟଳି ପଡିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାତିରେ ଏଲପଡା ଗ୍ରାମରେ ଶୋକାକୁଳ ପରିବେଷରେ ଦର୍ପଣୀଙ୍କ ଶେଷ କୃତ୍ୟ ସଂପନ୍ନ ହୋଇଛି। ତାଙ୍କର ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି।

---

# ମୋବାଇଲ ଚୋର ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ଘର ଭିତରୁ ମୋବାଇଲ୍ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶିଲୁ ସ୍ୱାଇଁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଆଜି ୦୧.୧୦.୨୦୨୬ ସକାଳ ପ୍ରାୟ ୭ଟା ସମୟରେ ଅଭିଯୋଗକାରୀ ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ପୂର୍ବ ପରିଚିତ ଜଣେ ଶ୍ରମିକ ଅଭିଯୁକ୍ତ ଶିଲୁ ସ୍ୱାଇଁ ତାଙ୍କ ଘରକୁ ଆସିଥିଲା। ଅଭିଯୋଗକାରୀ ତାକୁ ବସିବାକୁ କହି ବାଥରୁମ୍ ଯାଇଥିବା ବେଳେ ସୁଯୋଗ ଦେଖି ଅଭିଯୁକ୍ତ ସେଠାରେ ଥିବା ତାଙ୍କର ଏକ ଭିଭୋ ମୋବାଇଲ୍ ଫୋନ୍ ଧରି ଫେରାର ହେବାକୁ ଉଦ୍ୟମ କରିଥିଲା। ଅଭିଯୋଗକାରୀ ଏହା ଦେଖି ପାଟି କରିବାରୁ ସ୍ଥାନୀୟ ଲୋକମାନେ ତାଙ୍କୁ ଗୋଡ଼ାଇ ଧରିଥିଲେ ଏବଂ ଚୋରି ହୋଇଥିବା ମୋବାଇଲ୍ ସହ ପୋଲିସରେ ଜିମା ଦେଇଥିଲେ। ଭରତପୁର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଭିଯୁକ୍ତକୁ କାବୁ କରିବା ସହ ତା' ନିକଟରୁ ଚୋରି ମୋବାଇଲଟିକୁ ଉଦ୍ଧାର କରି ଜବତ କରିଛି। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

---

# କାନ୍ଥପଡି ଜଣେ ମୃତ୍ୟୁ ଘଟଣା: ଦୁଇ ଡିଜେ ମାଲିକ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଟଣୀ ଗଣେଶ ପୂଜା ଭସାଣି ଶୋଭାଯାତ୍ରା ବେଳେ ବେଆଇନ ଡିଜେର ପ୍ରଚଣ୍ଡ ଶବ୍ଦ କମ୍ପନ ଯୋଗୁଁ କୋଠାର ଛାତ/କାନ୍ଥ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହେବା ଏବଂ ଅନ୍ୟ ୭ ଜଣ ଆହତ ହେବା ଘଟଣାରେ ଜଟଣୀ ଥାନା ପୋଲିସ ଦୁଇ ଜଣ ଡିଜେ ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅରୁଣ କୁମାର ପ୍ରଧାନ ଓ ପ୍ରିୟବ୍ରତ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୬.୦୯.୨୦୨୬ ତାରିଖ ରାତିରେ ଜଟଣୀ ମୁଖ୍ୟ ରାସ୍ତାରେ ଥିବା ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ କୋଠା ନିକଟରେ ଦୁଇଟି ଡିଜେ ଗାଡ଼ି ଅତ୍ୟଧିକ ଶବ୍ଦରେ ବାଜୁଥିଲା। ଏହି ଶବ୍ଦର ପ୍ରଚଣ୍ଡ କମ୍ପନ ଯୋଗୁଁ ବ୍ୟାଙ୍କ କୋଠାର ସମ୍ମୁଖ ଭାଗର ଏକ ଅଂଶ ଖସିପଡ଼ି ସେଠାରେ ଠିଆ ହୋଇଥିବା ଲୋକଙ୍କ ଉପରେ ପଡ଼ିଥିଲା। ଏଥିରେ ୭ଜଣ ଆହତ ହୋଇଥିଲେ ଏବଂ ଗୁରୁତର ଆହତ ହୋଇଥିବା ୨୪ ବର୍ଷୀୟ ଯୁବକ ବିଶ୍ୱଜିତ୍ ବାରିକଙ୍କୁ ପ୍ରଥମେ ଜଟଣୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ସୁଶାନ୍ତ ବାରିକ୍ଙ୍କ ଏତଲା କ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା।

### ଦୋକାନ ଆଗରେ ପରିଶ୍ରା କରିବାକୁ ନେଇ ହାତାହାତି

# ୪ ଅଚିହ୍ନା ଯୁବକଙ୍କ ଆତଙ୍କରାଜ: ଦୋକାନୀ ଆହତ

## ଚୋରା ସୁନା ବେପାର ନେଇ ସନ୍ଦେହ

ପିପିଲି(ନିପ୍ର): ବାହାର ରାଜ୍ୟର ୪ଜଣ ଅଚିହ୍ନା ଯୁବକ ବଳଙ୍ଗା ବଜାର ମୁଖ୍ୟ ସ୍ଥଳରେ ଥିବା ଏକ ତେଜରାତି ଦୋକାନ ଆଗରେ ପରିଶ୍ରା କରିବା ଘଟଣାକୁ ନେଇ ତୁମୁଳ କାଣ୍ଡ ସୃଷ୍ଟି ହେଇଛି। ୪ଜଣ ଯୁବକଙ୍କ ମଧ୍ୟରେ ୨ଜଣ ପଞ୍ଜାବୀ ହୋଇଥିଲା ବେଳେ ଅନ୍ୟ ୨ଜଣ ମଧ୍ୟ ବାହାର ରାଜ୍ୟର ଅଟନ୍ତି। ସନ୍ଧ୍ୟା ୭ଟା ବେଳେ ସେମାନେ ଏକ ଦାମୀ କାରରେ ଆସି ତେଜରାତି ଦୋକାନ ସାମ୍ନାରେ ରଖି ପରିଶ୍ରା କରିଥିଲେ। ଫଳରେ ଦୋକାନ ମାଲିକ ଶଶିକାନ୍ତ ସାହୁ ସେମାନଙ୍କୁ ଦୋକାନ ସାମ୍ନାରେ ପରିଶ୍ରା କରିବାକୁ ବାରଣ କରିବାରୁ ସେମାନେ କିଛି ନଶୁଣି ପରିଶ୍ରା କରିଥିଲେ ଓ ଗାଳିଗୁଲଜ କରି ଶଶିକାନ୍ତକୁ ପିଟିଥିଲେ। ଏହା ଦେଖି ଜଣେ ଯୁବକ କାର ପାଖକୁ ଆସି କାରରେ ବସିଥିବା ଅନ୍ୟ ୨ଜଣଙ୍କୁ ଏନେଇ ପଚାରିବାରେ ସେମାନେ କିଛି ନଶୁଣି ଏକ ଶକ୍ତ କାଠ ବାଡ଼ିରେ ତାଙ୍କୁ ଗୁରୁତର ଭାବେ ମାଡ ଦେବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଘେରି ଯାଇଥିଲେ। ତେବେ କାର ଭିତରେ ବସି ମଦ୍ୟପାନ କରୁଥିବା ୨ଜଣ ଯୁବକ ସେମାନଙ୍କ ପାଖରେ ସୁନା ଭର୍ତ୍ତି ବ୍ୟାଗ ଥିବା ଓ ଏଠାକୁ କେହି ନ ଆସିବାକୁ ଧମକ ଦେଇଥିଲେ। ଯାହା ଫଳରେ ଲୋକମାନେ କାରକୁ ଘେରିଯିବାରୁ ଯୁବକ ୨ଜଣ ଲୋକ ମାନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ ଓ ପାଖକୁ ଆସିଲେ ଗୁଳି କରିଦେବୁ ବୋଲି କହିବାରୁ ଲୋକମାନେ ବାଧ ହୋଇ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାର ସହ ୪ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏହି ଘଟଣା ଉପରେ ବଜାରରେ ଉତ୍ତେଜନା ପ୍ରକାଶ ପାଇଛି। ଅଚିହ୍ନା ଯୁବକମାନଙ୍କ କଥାରୁ ସେମାନେ ସୁନା ମାଫିଆ ଓ ବଳଙ୍ଗାରେ ସୁନା କାରବାର କରୁଥିବା ନେଇ ସାଧାରଣରେ ଆଲୋଚନା ଚାଲିଛି। ମାତ୍ର କାରରେ ପ୍ରକୃତରେ କଣ ଅଛି ଓ ଏମାନେ କେଉଁଠୁ ଆସି କଣ କରିବା ପାଇଁ ଚାହୁଁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

# ବେଆଇନ ଦେଶୀ ବନ୍ଧୁକ ମାମଲାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ

ଇଟାମାଟି(ନିପ୍ର): ଇଟାମାଟି ଥାନା ଅଞ୍ଚଳରେ ବେଆଇନ ଅସ୍ତ୍ର ରଖିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ସାମ୍ନାକୁ ଆସିଛି। ଉପଲବ୍ଧ ପୁଲିସ ରେକର୍ଡରେ ଇଟାମାଟି ଥାନା କେସ୍ ନମ୍ବର ୩୫୧, ତାରିଖ ୨୯.୦୯.୨୦୨୬ ଉଲ୍ଲେଖ ରହିଛି। ମାମଲାରେ ଧାରା ୨୫(୧ଇ)(ବ) ଲାଗୁ କରାଯାଇଥିବା ଦଲିଲରୁ ଜଣାପଡୁଛି। ଏଥିରେ ୪୨ ବର୍ଷୀୟ ଲୋକନାଥ ରାଉତ, ଇଟାମାଟି ଥାନା ଅଞ୍ଚଳର ବାସିନ୍ଦା ବୋଲି ଉଲ୍ଲେଖ ରହିଛି। ରେକର୍ଡରେ ଅଭିଯୋଗର ପ୍ରକୃତି ଅସ୍ତ୍ର ଆଇନ ସମ୍ପର୍କିତ ବୋଲି ସ୍ପଷ୍ଟ ହେଉଛି। ଅସ୍ତ୍ର ଆଇନ ଅଧୀନରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଧରାଯାଇଥିବା ବେଳେ, ଏହି ଘଟଣାକୁ ନେଇ ଗଣମାଧ୍ୟମକୁ ସୂଚନା ନଦେବା ଇଟାମାଟି ଥାନାର ସୂଚନା ପ୍ରଦାନ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଏହା କେବଳ ଏକ ଛୋଟ ମାମଲା ନୁହେଁ। ଜଣେ ବ୍ୟକ୍ତିଙ୍କ ନିକଟରେ ବେଆଇନ ଅସ୍ତ୍ର ଥିବା ଅଭିଯୋଗ ନିଜେ ଆଇନଶୃଙ୍ଖଳା ଦୃଷ୍ଟିରୁ ଗୁରୁତ୍ୱ ବହନ କରେ। ଏହି ମାମଲାରେ କେଉଁ ପ୍ରକାରର ଦେଶୀ ବନ୍ଧୁକ ଜବତ ହୋଇଛି, ଅସ୍ତ୍ର ସହ ଗୁଳି କିମ୍ବା ଅନ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି କି ନାହିଁ, ଅସ୍ତ୍ରଟି ଅଭିଯୁକ୍ତଙ୍କ ନିକଟକୁ କେଉଁଠାରୁ ଆସିଥିଲା ଏବଂ ଏହା ପଛରେ ଅନ୍ୟ କାହାରି ସମ୍ପୃକ୍ତି ଅଛି କି ନାହିଁ - ଏସବୁ ଦିଗ ତଦନ୍ତର ବିଷୟ ହୋଇପାରେ। ଏହାର ତଥ୍ୟ ପୁଲିସ ପକ୍ଷରୁ ସ୍ପଷ୍ଟ ହେବା ଆବଶ୍ୟକ।

### କାକଦ୍ୱୀପ ଡଙ୍ଗାବୁଡ଼ି ଘଟଣାକୁ ଅଢ଼େଇ ମାସ ବିତିଲା

# ମୃତଦେହ ଚିହ୍ନଟ ପାଇଁ ଡିଏନ୍ଏ ଟେଷ୍ଟ କେବେ ?

ଜଳେଶ୍ୱର(ନିପ୍ର): ଦୀଘା-ଶଙ୍କରପୁର ମୁହାଣରୁ ସମୁଦ୍ରକୁ ଯାଇଥିବା ମାଛଧରା ଡଙ୍ଗା କାକଦ୍ୱୀପ ନିକଟରେ ବୁଡ଼ିବା ଘଟଣାକୁ ଇତିମଧ୍ୟରେ ଅଢ଼େଇ ମାସ ବିତିଗଲାଣି । ଡଙ୍ଗାରେ ଥିବା ୧୫ ମତ୍ସ୍ୟଜୀବୀଙ୍କ ମଧ୍ୟରେ ୩ ଜଣ ଥିଲେ ଓଡ଼ିଶାର ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଚିନ୍ଦା ଗାଁର ତିନିଭାଇ । ଅନ୍ୟ ସମସ୍ତେ ପଶ୍ଚିମବଙ୍ଗ ରାମନଗର ନିର୍ବାଚନ ମଣ୍ଡଳୀର । ଏହି ଅଘଟଣ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିଲା। ଡଙ୍ଗା ବୁଡ଼ିବାର କିଛିଦିନ ପରେ ୧୫ ଜଣଙ୍କ ମଧ୍ୟରୁ ୧୧ଜଣଙ୍କ ମୃତଦେହ ଗଳିତ ଅବସ୍ଥାରେ ଉଦ୍ଧାର ହେଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରି ନପାରିବାରୁ ପଶ୍ଚିମବଙ୍ଗ ସରକାର ଡିଏନଏ ଟେଷ୍ଟ ପାଇଁ ନିଷ୍ପତ୍ତି ନେଲେ ଏବଂ ମୃତଦେହଗୁଡ଼ିକୁ କଲିକତା ପଠାଇଲେ । ସରକାରଙ୍କ ପକ୍ଷରୁ କୁହାଗଲା ଅତିବେଶିରେ ୪୫ ଦିନ ମଧ୍ୟରେ ରିପୋର୍ଟ ଆସିଯିବ । ହେଲେ ୭୫ ଦିନ ପରେ ବି ଡିଏନଏ ରିପୋର୍ଟ ଆସୁନଥିବାରୁ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶାର ୧୫ ମତ୍ସ୍ୟଜୀବୀ ପରିବାର ନାନା ଆଶଙ୍କା ଓ ଦ୍ୱନ୍ଦ୍ୱ ଭିତରେ ଅଛନ୍ତି । ଯଦିଓ ପଶ୍ଚିମବଙ୍ଗ ସରକାର ଇତିମଧ୍ୟରେ ଦୟା ପରବଶ ହୋଇ ୧୫ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ପ୍ରଦାନ କରିଛନ୍ତି, ମାତ୍ର ଡିଏନଏ ରିପୋର୍ଟ ନ ଆସିବାରୁ ମୃତଦେହ ଚିହ୍ନଟ ହୋଇପାରୁନି କି ସଂପୃକ୍ତ ପରିବାରକୁ ମୃତ୍ୟୁ ପ୍ରମାଣପତ୍ର ମିଳିପାରୁନି । ମୃତ୍ୟୁ ପ୍ରମାଣପତ୍ର ମିଳି ପାରୁ ନ ଥିବାରୁ ମୃତ ମତ୍ସ୍ୟଜୀବୀଙ୍କ ପରିବାର ଲୋକେ ସେମାନଙ୍କ ନାଁରେ ଥିବା ବୀମା ଅର୍ଥ ରାଶି, ପାଣିରେ ବୁଡ଼ି ମୃତ୍ୟୁଜନିତ କ୍ଷତିପୂରଣ ରାଶି ଏବଂ ଅନ୍ୟାନ୍ୟ ସୁବିଧା ପାଇପାରୁ ନାହାନ୍ତି । ଏପରିକି ଭୋଗରାଇ ବିଧାୟକଙ୍କ ଅନୁରୋଧ ସତ୍ତ୍ୱେ ଓଡ଼ିଶାର ୩ ମତ୍ସ୍ୟଜୀବୀଙ୍କ ପରିବାରକୁ ଓଡ଼ିଶା ସରକାର କୌଣସି କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରି ନାହାନ୍ତି । ଅସହନୀୟ ଦୁଃଖ ଦୁର୍ଦ୍ଦଶା ଭିତରେ ଥିବା ଭୋଗରାଇର ଏହି ୩ ମତ୍ସ୍ୟଜୀବୀଙ୍କ ପରିବାର କଲିକତାରୁ ଡିଏନଏ ପରୀକ୍ଷା ରିପୋର୍ଟ ଆସୁନଥିବାରୁ ମୃତ୍ୟୁ ପ୍ରମାଣପତ୍ର ପାଇଁ ଆବେଦନ ମଧ୍ୟ କରିପାରୁନାହାନ୍ତି । ଏହି ପରିପ୍ରେକ୍ଷୀରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ପଶ୍ଚିମବଙ୍ଗର ମାନନୀୟ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଇ-ମେଲ୍ ଓ ପତ୍ର ଲେଖି ଏ ସମ୍ପର୍କରେ ସମସ୍ତ ବିଷୟ ଅବଗତ କରିଛନ୍ତି।

### ଦଶହରା ପୂର୍ବରୁ ଅବକାରୀ ଚଢ଼ାଉ ଜୋରଦାର

# ସେପ୍ଟେମ୍ବର ମାସରେ ୨୫୬ ମାମଲା ରୁଜୁ: ୧୯୫ ଗିରଫ



କଟକ(ନିପ୍ର): ଚଳିତ ଦୁର୍ଗାପୂଜା ପୂର୍ବରୁ କଟକ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଚଢ଼ଉ ଓ ଯାଞ୍ଚକୁ ଜୋରଦାର କରାଯାଇଛି। ୨୦୨୬ ସେପ୍ଟେମ୍ବର ମାସରେ ଅବକାରୀ ବିଭାଗ ପକ୍ଷରୁ ମୋଟ ୨୫୬ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୯୫ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଇ ଦିଆଯାଇଛି । ଏହି ସମୟରେ ୧୪ ହଜାର ୮୨୨ ଲିଟର ଚୋରା ଦେଶୀ ମଦ, ୮୭ ହଜାର ୭୪୫ ଲିଟର ପୋଚ (ଫର୍ମେଣ୍ଟେଡ୍ ୱାଶ୍), ୬୧୮ ଲିଟର ଦେଶୀ ମଦ, ୫୦ ଲିଟର ବିଦେଶୀ ମଦ, ୨୨ କିଲୋଗ୍ରାମ ଗଞ୍ଜେଇ ଓ ୫୨୮ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଏଥିସହ ୨୦ଟି ଦୁଇଚକିଆ, ୬ଟି ଚାରିଚକିଆ ଓ ଗୋଟିଏ ଅଟୋରିକ୍ସା ଜବତ କରାଯାଇଛି। ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବକାରୀ, ପୋଲିସ, ରାଜସ୍ୱ ଓ ଅନ୍ୟାନ୍ୟ ବିଭାଗକୁ ନେଇ ଏକ ଦଳ ଗଠନ କରାଯାଇଛି। ଏହି ଦଳ ଦ୍ୱାରା ମିଳିତ ଚଢ଼ାଉ ଓ ଯାନବାହନର ଯାଞ୍ଚ କରାଯାଉଛି। ରାଜପଥ ଓ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ରାତ୍ରିକାଳୀନ ଯାଞ୍ଚ ଓ ପାଟ୍ରୋଲିଂକୁ ମଧ୍ୟ ଅଧିକ ସୁଦୃଢ଼ କରାଯାଇଛି । ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବା ସନ୍ଦେହଜନକ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇ ନିୟମିତ ଚଢ଼ଉ କରାଯାଉଛି। ଏଥିସହ ବେଆଇନ ପୋଚ ଏବଂ ପ୍ରସ୍ତୁତି ୟୁନିଟ୍‌ଗୁଡ଼ିକୁ ନଷ୍ଟ କରାଯାଉଛି। ଗଞ୍ଜେଇ, ହେରୋଇନ୍ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ଚାଲାଣ ଓ ବିକ୍ରି ବିରୋଧରେ ମଧ୍ୟ କଡା ପଦକ୍ଷେପ ନିଆଯାଉଛି। ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକରେ ମଧ୍ୟ ନିୟମିତ ଯାଞ୍ଚ କରାଯାଇ ଲାଇସେନ୍ସର ସର୍ତ୍ତାବଳୀ ଓ ନିର୍ଦ୍ଧାରିତ ସମୟସୀମା ପାଳନ ସୁନିଶ୍ଚିତ କରାଯାଉଛି । ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୨୯ ଅନୁଯାୟୀ ଉପ-ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୧୧ ଜଣ ବ୍ୟକ୍ତି ବଣ୍ଡ୍ ଦାଖଲ କରିଛନ୍ତି । ସେମାନେ ପର୍ବପର୍ବାଣୀ ସମୟରେ ବେଆଇନ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ଶପଥ ପତ୍ର ଦେଇଛନ୍ତି । ଅବକାରୀ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବେଆଇନ ଓ ନକଲି ମଦ ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଛି। ବେଆଇନ ମଦ କିମ୍ବା ନିଶାଦ୍ରବ୍ୟର ଉତ୍ପାଦନ, ବିକ୍ରି ଓ ପରିବହନ ସମ୍ପର୍କରେ ଜନସାଧାରଣ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନକୁ ତୁରନ୍ତ ସୂଚନା ପ୍ରଦାନ କରିବାକୁ କୁହାଯାଇଛି । ଏହି ଯାଞ୍ଚ ଅଭିଯାନ ଆଗାମୀ ସମୟରେ ଜାରି ରହିବ। ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ସମଗ୍ର ଜିଲ୍ଲାରେ ଚଢାଉ, ଯାଞ୍ଚ ଓ ପାଟ୍ରୋଲିଂ କରାଯାଇ ଦଶହରାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି।

### ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନୂଆ ମୋଡ଼

# ହାଇକୋର୍ଟରେ ମାମଲା ପ୍ରତ୍ୟାହାର ପାଇଁ ପିତାଙ୍କ ଆବେଦନ

କଟକ(ନିପ୍ର): ଭୁବନେଶ୍ୱର ବାଲିଅନ୍ତାର ଜିଆରପି କନେଷ୍ଟବଲ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାରେ ନୂଆ ମୋଡ଼ ଆସିଛି। ସୌମ୍ୟରଞ୍ଜନଙ୍କ ପିତା ଦୁଃଶାସନ ସ୍ୱାଇଁ ହାଇକୋର୍ଟରେ ପୂର୍ବରୁ କରିଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଆବେଦନ କରିଛନ୍ତି । ସୂଚନା ଅନୁସାରେ, ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବିକରି ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ତେବେ ଏହି ମାମଲା ତାଙ୍କ ଅଜାଣତରେ ଦାୟର ହୋଇଥିବା ଅଭିଯୋଗ ଆଣିଛନ୍ତି ସୌମ୍ୟରଞ୍ଜନଙ୍କ ପିତା ଦୁଃଶାସନ ସ୍ୱାଇଁ ଏବଂ ତାଙ୍କ ସାଙ୍ଗ ନିଶିକାନ୍ତ ମହାନ୍ତି । ଉଭୟଙ୍କ ଅଭିଯୋଗ ହେଉଛି, ସେମାନଙ୍କ ଅଜାଣତରେ ତାଙ୍କ ନାମରେ ମାମଲା ଦାୟର କରାଯାଇଛି। ଏପରିକି ମାମଲା ଦାୟର କରିବା ପାଇଁ ସେମାନେ କୌଣସି ସମ୍ମତି ଦେଇନଥିବା ମଧ୍ୟ ସେମାନେ କହିଛନ୍ତି। ତେଣୁ ହାଇକୋର୍ଟରେ ହୋଇଥିବା ଉକ୍ତ ମାମଲାକୁ ପ୍ରତ୍ୟାହାର କରିବାକୁ ସେମାନେ ଉଦ୍ୟମ କରିଛନ୍ତି । ଗୁରୁବାର ସୌମ୍ୟରଞ୍ଜନଙ୍କ ପିତା ଓ ତାଙ୍କ ସାଙ୍ଗ ହାଇକୋର୍ଟରେ ପହଞ୍ଚି ଷ୍ଟେଟ ବାର କାଉନସିଲର ଅଧିକାରୀଙ୍କୁ ଭେଟିଛନ୍ତି। ଏନେଇ ସେମାନେ ଏକ ଅଭିଯୋଗପତ୍ର ମଧ୍ୟ ଦାଖଲ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ସମ୍ପୃକ୍ତ ଓକିଲ ଏହି ମାମଲାକୁ ପ୍ରତ୍ୟାହାର କରିବା ପାଇଁ କଥା କହିଥିବା ନିଶିକାନ୍ତ କହିଛନ୍ତି। ତେବେ ମାମଲା କିପରି ଏବଂ କାହା ସମ୍ମତିରେ ଦାୟର ହୋଇଥିଲା, ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାର ପ୍ରକୃତ ତଦନ୍ତ ଏବଂ ନ୍ୟାୟ ଦାବି କରି ପୂର୍ବରୁ ମଧ୍ୟ ପରିବାର ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ଏବେ ହାଇକୋର୍ଟରେ ହୋଇଥିବା ମାମଲା ପ୍ରତ୍ୟାହାର ପାଇଁ ପିତାଙ୍କ ଆବେଦନ ପରେ ଘଟଣା ନୂଆ ମୋଡ଼ ନେଇଛି ।



ବିଏମସି ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ - ସ୍ୱଚ୍ଛତା ଅଭିଯାନ' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

# ଆଜିଠାରୁ ଦେଶବ୍ୟାପୀ ସ୍ୱତନ୍ତ୍ର ଗ୍ରାମସଭା

**ଭୁବନେଶ୍ୱର, ୧/୧୦(ପିଆଇବି):** ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ ଦେଶର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଗ୍ରାମସଭାମାନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଗ୍ରାମସଭାଗୁଡ଼ିକରେ ରୂପାନ୍ତରମୂଳକ ଶାସନ ସଂସ୍କାର, ପଞ୍ଚାୟତଗୁଡ଼ିକୁ ସୁଦୃଢ଼ କରିବା, ସରକାରୀ ସେବାରେ ଉନ୍ନତି ଆଣିବା ଓ ଗ୍ରାମୀଣ ଭାରତର ଲୋକମାନଙ୍କ ଜୀବନମାନରେ ସୁଧାର ଆଣିବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବ୍ୟାପକ ଆଲୋଚନା କରାଯିବ। ଏହି ବିଶେଷ ଅବସରରେ 'ସବକୀ ଯୋଜନା, ସବକା ବିକାଶ' ଶୀର୍ଷକ ଜନ ଯୋଜନା ଅଭିଯାନ (୨୦୨୬-୨୭)ର ଶୁଭାରମ୍ଭ ମଧ୍ୟ ହେବ। ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଅଂଶଗ୍ରହଣମୂଳକ ଏବଂ ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ମାଧ୍ୟମରେ 'ଗ୍ରାମ ପଞ୍ଚାୟତ ବିକାଶ ଯୋଜନା' ପ୍ରସ୍ତୁତ କରିବେ। ଏଥିରେ ନାଗରିକ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଏକାଠି ହୋଇ ବିଭିନ୍ନ ପ୍ରମୁଖ ସରକାରୀ ଯୋଜନାର ସଫଳତା ସମୀକ୍ଷା କରିବା ସହ ସ୍ଥାନୀୟ ଆବଶ୍ୟକତାକୁ ଭିତ୍ତି କରି ଗ୍ରାମର ବିକାଶ ପାଇଁ ନୂଆ ପ୍ରାଥମିକତା ନିର୍ଦ୍ଧାରଣ କରିବେ। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛି। ଏହି ଗ୍ରାମସଭାଗୁଡ଼ିକରେ ବିଶେଷ ଭାବେ ତିନୋଟି ମୁଖ୍ୟ ବିଭାଗର ଯୋଜନା ଉପରେ ଗୁରୁତ୍ୱ ଦିଆଯିବ।

# ଏସିଆନ୍ ଗେମ୍ସ ହକି: ପାକିସ୍ତାନକୁ ହରାଇ ଫାଇନାଲରେ ଭାରତ



ନୂଆଦିଲ୍ଲୀ,୧।୧୦: ଏସିଆନ୍ ଗେମ୍ସ ୨୦୨୬ର ପୁରୁଷ ହକି ସେମିଫାଇନାଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖିବାକୁ ମିଳିଥିଲା ରୋମାଞ୍ଚକର ମୁକାବିଲା। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତ ୪-୩ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଶେଷ ହେବାକୁ ମାତ୍ର ପ୍ରାୟ ୫୦ ସେକେଣ୍ଡ ବାକି ଥିବା ବେଳେ ଅଭିଷେକଙ୍କ ନିର୍ଣ୍ଣାୟକ ଗୋଲ୍ ଭାରତକୁ ବିଜୟ ଦେଇଥିଲା। ଏହି ବିଜୟ ସହ ଭାରତୀୟ ଦଳ ଏସିଆନ୍ ଗେମ୍ସର ହକି ଫାଇନାଲକୁ ପହଞ୍ଚିଛି। ଫାଇନାଲରେ ଭାରତର ପ୍ରତିପକ୍ଷ ମାଲେସିଆ କିମ୍ବା କୋରିଆ ମଧ୍ୟରୁ ଜଣେ ହେବ। ମ୍ୟାଚ୍‌ର ଶେଷ କ୍ୱାର୍ଟରରେ ପାକିସ୍ତାନ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ଫାଷ୍ଟ ହାଫ୍‌ରେ ୩-୦ରେ ଆଗୁଆ ଥିଲେ ମଧ୍ୟ ପାକିସ୍ତାନ ସେକେଣ୍ଡ ହାଫ୍‌ରେ ଲଗାତାର ଗୋଲ୍ କରି ସ୍କୋରକୁ ୩-୩ରେ ନେଇ ଆସିଥିଲା। ଏଭଳି ସ୍ଥିତିରେ ମ୍ୟାଚ୍ ପେନାଲ୍ଟି ଶୁଟ୍‌ଆଉଟ୍‌କୁ ଯିବ ବୋଲି ଲାଗୁଥିଲା। କିନ୍ତୁ ମ୍ୟାଚ୍ ଶେଷ ହେବାକୁ ପ୍ରାୟ ୫୦ ସେକେଣ୍ଡ ବାକି ଥିବାବେଳେ ଅଭିଷେକ ଫିଲ୍ଡ ଗୋଲ୍ କରି ଭାରତକୁ ପୁଣି ୪-୩ ରେ ଆଗୁଆ କରିଥିଲେ। ଶେଷ ସେକେଣ୍ଡରେ ପାକିସ୍ତାନ ପାଖରେ ଆଉ ଏକ ସୁଯୋଗ ଆସିଥିଲା। କିନ୍ତୁ ହୁଟର୍ ବାଜିବା ସହ ପାକିସ୍ତାନର ଆକ୍ରମଣ ବିଫଳ ହୋଇଥିଲା ଏବଂ ଭାରତ ବିଜୟ ହୋଇଥିଲା। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଆରମ୍ଭରୁ ଚାପ ସୃଷ୍ଟି କରିଥିଲା। ଭାରତୀୟ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରରୁ ଦୁଇଟି ଗୋଲ୍ କରିଥିଲେ।

# ଆଇସିସି ଘୋଷଣା କଲା ୨୦୨୭ ବିଶ୍ୱକପ୍ ଖେଳସୂଚୀ

## ଅକ୍ଟୋବର ୧୦ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ, ୧/୧୦: ଆଇସିସି ୨୦୨୭ ଦିନିକିଆ ବିଶ୍ୱକପ୍‌ର ସ୍କେଡ୍ୟୁଲ୍ ଘୋଷଣା କରିଛି। କ୍ରିକେଟ୍‌ର ଏହି ମହାକୁମ୍ଭ ଅକ୍ଟୋବର ୨, ୨୦୨୭ରୁ ଆରମ୍ଭ ହୋଇ ନଭେମ୍ବର ୨୧ରେ ଫାଇନାଲ୍ ସହ ଶେଷ ହେବ। କେପଟାଉନ୍‌ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଆଇସିସି ପକ୍ଷରୁ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଭାରତୀୟ ଦଳ ଅକ୍ଟୋବର ୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ତେବେ କ୍ରିକେଟ୍‌ପ୍ରେମୀଙ୍କ ନଜର ସବୁଠାରୁ ଅଧିକ ଭାରତ-ପାକିସ୍ତାନ ମୁକାବିଲା ଉପରେ ରହିବ। ଏହି ହାଇଭୋଲଟେଜ୍ ମ୍ୟାଚ୍ ଅକ୍ଟୋବର ୧୦ରେ ଖେଳାଯିବ। ଭାରତ ଓ ପାକିସ୍ତାନକୁ ସମାନ ଗ୍ରୁପ୍‌ରେ ରଖାଯାଇଛି। ୨୦୨୭ ବିଶ୍ୱକପ୍‌ର ଆୟୋଜନ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ହେବ। ମୋଟ ୧୨ଟି ଭେନ୍ୟୁରେ





୫୭ଟି ମ୍ୟାଚ୍ ଖେଳାଯିବ। ଏଥିରୁ ଦକ୍ଷିଣ ଆଫ୍ରିକାରେ ୮ଟି, ଜିମ୍ବାୱେରେ ୩ଟି ଏବଂ ନାମିବିଆରେ ଗୋଟିଏ ଭେନ୍ୟୁ ରହିଛି। ଏଥର ବିଶ୍ୱକପ୍‌ର ଫର୍ମାଟ୍ ମଧ୍ୟ ଭିନ୍ନ ରହିବ। ମୋଟ ୧୪ଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଦଳ ବାଦ୍ ପଡ଼ିବା ପରେ ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବାଣ୍ଟି ଦିଆଯିବ। ବର୍ତ୍ତମାନ ସୁଦ୍ଧା ୧୦ଟି ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ଓଡିଆଇ ରାଙ୍କିଂ ଆଧାରରେ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ମଧ୍ୟ ସିଧାସଳଖ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ, ସହ-ଆୟୋଜକ ନାମିବିଆ ଆଇସିସିର ପୂର୍ଣ୍ଣ ସଦସ୍ୟ ନୁହେଁ। ତେଣୁ ତାକୁ ସିଧାସଳଖ ପ୍ରବେଶ ମିଳିନାହିଁ। ବାକି ଚାରିଟି ଦଳ କ୍ୱାଲିଫାୟର ରାଉଣ୍ଡ ମାଧ୍ୟମରେ ବିଶ୍ୱକପ୍ ଟିକେଟ୍ ହାସଲ କରିବେ। ଏଥିରେ ୱେଷ୍ଟଇଣ୍ଡିଜ୍ ମଧ୍ୟ କ୍ୱାଲିଫାୟର ଖେଳିବ।

# ଦ୍ୱିତୀୟ ରେଳ ଲାଇନ୍ ନିରୀକ୍ଷଣ

**ଭୁବନେଶ୍ୱର,୧/୧୦(ପିଆଇବି):** ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର ସୁମିତ ସିଂଘଲ ଆଜି ପୂର୍ବ ତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ କାକିରିଗୁମା ଓ ଲକ୍ଷ୍ମୀପୁର ରୋଡ୍ ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳ ଲାଇନ୍ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ଚାଲିଥିବା କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ଅଂଶବିଶେଷ। କାକିରିଗୁମା (କି.ମି. ୪୫.୮୮୫) ଠାରୁ ଲକ୍ଷ୍ମୀପୁର ରୋଡ୍ (କି.ମି. ୬୧.୧୭୦) ପର୍ଯ୍ୟନ୍ତ ମୋଟ ୧୫.୨୮୫ କିଲୋମିଟର ଦୀର୍ଘ ଏହି ଦୋହରୀକୃତ ରେଳପଥର ରେଳ ସୁରକ୍ଷା କମିଶନର ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରିଥିଲେ। ଏହି ନିରୀକ୍ଷଣ ସମୟରେ ସମଗ୍ର ସେକ୍ସନରେ ମୋଟର ଟ୍ରଲି ଯୋଗେ ଯାଞ୍ଚ ସହିତ ସ୍ପିଡ୍ ଟ୍ରାଏଲ୍ ମଧ୍ୟ କରାଯାଇଥିଲା। ନବନିର୍ମିତ ରେଳ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା। ଏହି ନିରୀକ୍ଷଣ ନୂତନ ରେଳ ଲାଇନ୍‌ରେ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ପୂର୍ବରୁ ଆବଶ୍ୟକ ବୈଧାନିକ ପ୍ରକ୍ରିୟାର ଏକ ଅଂଶ। ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟ, ରାୟଗଡ଼ା ଡିଭିଜନ ଏବଂ ନିର୍ମାଣ ସଂଗଠନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବନ୍ୟା ରିଲିଫରୁ ବଞ୍ଚିତ ମାଣିକପଟଣା ପଞ୍ଚାୟତବାସୀ

କେନ୍ଦ୍ରାପଡ଼ା, ୧/୧୦(ନିପ୍ର): ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଆଳି ବ୍ଲକର ମାଣିକପଟଣା ପଞ୍ଚାୟତବାସୀ ବନ୍ୟା ରିଲିଫ ଓ ଅନ୍ୟାନ୍ୟ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ଦୁଇ ମାସ ମଧ୍ୟରେ ପାଞ୍ଚ ପାଞ୍ଚ ଥର ବନ୍ୟାର ସମ୍ମୁଖୀନ ହୋଇଥିବା ପଞ୍ଚାୟତବାସୀ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ବନ୍ୟାର ପ୍ରାୟ ମାସକ ପରେ ଗୁରୁବାର ପଞ୍ଚାୟତବାସୀଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମସ୍ତ ବନ୍ୟାକ୍ଷତିଗ୍ରସ୍ତ ପରିବାରକୁ ରିଲିଫ ପ୍ରଦାନ, ଭାଙ୍ଗିଯାଇଥିବା ଘର ମରାମତି ପାଇଁ ଆର୍ଥିକ ସହାୟତା, ଫସଲ ନଷ୍ଟ ହୋଇଥିବାରୁ ଗୋଖାଦ୍ୟ ଯୋଗାଣ, ଆଗାମୀ ରବି ଫସଲ ପାଇଁ ଆନୁସଙ୍ଗିକ ସହାୟତା ଏବଂ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିଗୁଡ଼ିକ ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ ପକ୍ଷରୁ ସୂଚନା ମିଳିଛି। ବରିଷ୍ଠ ନେତା ପ୍ରତାପ ଜେନା, ସମିତି ସଭ୍ୟ ଅକ୍ଷୟ ତରାଇ, ସରପଞ୍ଚ ପ୍ରତିନିଧି ରଞ୍ଜନ ତରାଇଙ୍କ ସମେତ ନିତ୍ୟାନନ୍ଦ ପାତ୍ର, କୈଳାସ ପାତ୍ର, ଜଗନ୍ନାଥ ପରିଡ଼ା, ନଳିନୀକାନ୍ତ ଦାସ, ସୁଶାନ୍ତ ପରିଡ଼ା, ନିରଞ୍ଜନ ପରିଡ଼ା ଓ ଖଗେଶ୍ୱର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଯଦି ଏହି ଦାବିଗୁଡ଼ିକ ଶୀଘ୍ର ପୂରଣ ନହୁଏ, ତେବେ ଆଗାମୀ ଦିନରେ ଆଳି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପ୍ରତିନିଧି ଦଳ ଚେତାବନୀ ଦେଇଛି।

# 'ଅନ୍ତ୍ୟୋଦୟ ଗୃହ ଦେଇଛି ସୁରକ୍ଷା'

ସତ୍ୟବାଦୀ/ପୁରୀ, ୧/୧୦(ନିପ୍ର): 'ଆମର ଗୋଟିଏ ଛୋଟ ଚାଳଘର ଥିଲା, ଯାହା ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ମେଘ, ପବନ କିମ୍ବା ବାତ୍ୟା ହେଲେ ଆମକୁ ମଜବୁର ହୋଇ ଯା' ଘରେ ତା' ଘରେ ଆଶ୍ରୟ ନେବାକୁ ପଡୁଥିଲା। ବେଳେବେଳେ ୪-୫ ଦିନ ଅନ୍ୟ ଘରେ ରହିବା ଯୋଗୁଁ ସେମାନେ ଅସନ୍ତୁଷ୍ଟ ହୋଇ ଚାଲିଯିବାକୁ କହୁଥିଲେ। କିନ୍ତୁ ଏବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ପକ୍କା ଘର ପାଇ ଆମେ ବହୁତ ଖୁସି,' ଏଭଳି କହି ନିଜର ଆନନ୍ଦ ପ୍ରକାଶ କରିଛନ୍ତି ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ମହୁରା ଗ୍ରାମର କେତକୀ ପ୍ରଧାନ। ମିଳିଥିବା ସୂଚନା ଅନୁଯାୟୀ, କେତକୀ ନିଜ ପରିବାର ସହ ବହୁତ କଷ୍ଟରେ ଜୀବନ ଜାପାନ କରୁଥିଲେ। ସରକାରଙ୍କ ଅନ୍ତ୍ୟୋଦୟ ଯୋଜନା ସମ୍ପର୍କରେ ଜାଣିବା ପରେ ସେ ସତ୍ୟବାଦୀ ବିଡ଼ିଓଙ୍କ ସହ ଯୋଗାଯୋଗ କରି ଏଥିପାଇଁ ଆବେଦନ କରିଥିଲେ। ବିଡ଼ିଓଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା କ୍ଷେତ୍ର ଅନୁଧ୍ୟାନ କରାଯିବା ପରେ କେତକୀଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ତାଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନାରେ ୧ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। କେତକୀ ସରକାରୀ ଅର୍ଥର ସଠିକ ଉପଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଘର କାମ ସମ୍ପୂର୍ଣ୍ଣ କରିଥିବାରୁ, ପ୍ରଶାସନ ପକ୍ଷରୁ ତାଙ୍କୁ ବୋନସ ଆକାରରେ ଅତିରିକ୍ତ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏବେ ବର୍ଷା କିମ୍ବା ବାତ୍ୟାର ଆଉ ଭୟ ନାହିଁ ବୋଲି ଗର୍ବର ସହ କହିବା ସହିତ କେତକୀ ଏହି ଗରିବ କଲ୍ୟାଣକାରୀ ପଦକ୍ଷେପ ପାଇଁ ସରକାରଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ଯୁବତୀଙ୍କୁ ଏସିଡ ପିଆଇ ହତ୍ୟା ଉଦ୍ୟମ, ବୃଦ୍ଧ ଗିରଫ

**ଭୁବନେଶ୍ୱର, ୧/୧୦(ନିପ୍ର):** ଏକତରଫା ପ୍ରେମରେ ବିଫଳ ପରେ ଜଣେ ଯୁବତୀଙ୍କୁ ଏସିଡ୍ ପିଆଇ ହତ୍ୟା ଉଦ୍ୟମ କରିବା ଏବଂ ତାଙ୍କ ମୁହଁରେ ଏସିଡ୍ ପକାଇ ବିକୃତ କରିବା ଅଭିଯୋଗରେ ଖାରବେଳ ନଗର ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବସନ୍ତ ଅଶ୍ୱିନୀ ଚୌଧୁରୀ (୭୨)। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ (ଜଣେ ଦୃଷ୍ଟିହୀନ ବ୍ୟକ୍ତି) ଏବଂ ତାଙ୍କ ଝିଅ (ପୀଡ଼ିତା) ଗତ ୪/୫ ବର୍ଷ ହେବ ଖାରବେଳନଗର ୟୁନିଟ୍-୩ ସ୍ଥିତ ଏକ ଆଶ୍ରୟ ସ୍ଥଳୀରେ ରହି ଆସୁଛନ୍ତି। ପୀଡ଼ିତା ସେଠାରେ କେୟାରଟେକର ଭାବେ କାମ କରନ୍ତି। ଗତ ୩୦.୦୮.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୧ ଟାରେ ପୀଡ଼ିତା ନିଜ ରୁମରେ ଶୋଇଥିବା ବେଳେ ସେହି ଆଶ୍ରୟ ସ୍ଥଳୀରେ ରହୁଥିବା ଅଭିଯୁକ୍ତ ବୃଦ୍ଧ ବସନ୍ତ ଅଶ୍ୱିନୀ ଚୌଧୁରୀ କାନ୍ଥ ଡେଇଁ ତାଙ୍କ ରୁମ୍ ଭିତରେ ପଶିଥିଲା। ଅଭିଯୁକ୍ତ ହଠାତ୍ ପୀଡ଼ିତାଙ୍କ ବେକ ଚିପି ଧରି ତାଙ୍କୁ ଜୋରଜବରଦସ୍ତ ଏକ ରାସାୟନିକ ପଦାର୍ଥ ପିଆଇ ହତ୍ୟା କରିବାକୁ ଉଦ୍ୟମ କରିଥିଲା। ପୀଡ଼ିତା ଏହାର ପ୍ରତିରୋଧ କରିବାରୁ ଅଭିଯୁକ୍ତ ସେହି ଏସିଡକୁ ତାଙ୍କ ମୁହଁରେ ଫିଙ୍ଗି ଦେଇଥିଲା, ଯାହା ଫଳରେ ପୀଡ଼ିତାଙ୍କ ମୁହଁ ପୋଡ଼ି ଯାଇଥିଲା। ପୀଡ଼ିତାଙ୍କ ଚିତ୍କାର ଶୁଣି ତାଙ୍କ ବାପା ଓ ଅନ୍ୟ ଅନ୍ତେବାସୀମାନେ ତାଙ୍କୁ ଉଦ୍ଧାର କରି ସମ୍ ହସ୍ପିଟାଲ୍ ଆଇସିୟୁରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ଅଭିଯୁକ୍ତ ବସନ୍ତ ନିଜର ଦୁଇ ହାତର ଶିରା ଓ ବେକ କାଟିବା ସହ ନିଜେ ସେହି ଏସିଡ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। ତାକୁ ଗୁରୁତର ଅବସ୍ଥାରେ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ଆସନ୍ତା ଶିକ୍ଷାବର୍ଷରୁ ବଦଳିବ ନବମ ଶ୍ରେଣୀର ପାଠ୍ୟପୁସ୍ତକ

କଟକ,୧।୧୦(ନିପ୍ର): ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟରେ ବଦଳିବ ନବମ ଶ୍ରେଣୀର ପାଠ୍ୟପୁସ୍ତକ। ଜାତୀୟ ଶିକ୍ଷାନୀତି ୨୦୨୦, ଜାତୀୟ ପାଠ୍ୟଚର୍ଯ୍ୟା ଢାଞ୍ଚା ୨୦୨୩ ଏବଂ ଓଡ଼ିଶା ପାଠ୍ୟଚର୍ଯ୍ୟା ଢାଞ୍ଚା ୨୦୨୫ ସହ ସମନ୍ୱୟ ରଖି ଏହି ପରିବର୍ତ୍ତନ ହେଉଛି । ଏନେଇ ଆଜି କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ବସିଥିଲା ବିଶେଷଜ୍ଞଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ। ବିଭିନ୍ନ ବିଷୟର ବିଶେଷଜ୍ଞ, ଶିକ୍ଷାବିତ୍ ଓ ଗବେଷକମାନେ ଏଥିରେ ସାମିଲ ହୋଇଥିଲେ। ପାଠ୍ୟକ୍ରମର ବିଷୟବସ୍ତୁ, ଅଧ୍ୟାୟର ଢାଞ୍ଚା, ଶିକ୍ଷଣ ପଦ୍ଧତି ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଉପରେ ହୋଇଛି ଆଲୋଚନା । ନୂଆ ପାଠ୍ୟପୁସ୍ତକ ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦର ଢାଞ୍ଚା ସହ ସମନ୍ୱୟ ରଖି ପ୍ରସ୍ତୁତ ହେବ । ତେବେ ଓଡ଼ିଶାର ଭାଷା, ସଂସ୍କୃତି, ଇତିହାସ ଓ ସ୍ଥାନୀୟ ପରିବେଶକୁ ମଧ୍ୟ ଏଥିରେ ସ୍ଥାନ ଦିଆଯିବ । ଓଡ଼ିଆ ମାଧ୍ୟମରେ ପୁସ୍ତକ ଉପଲବ୍ଧ ହେବ। ନୂଆ ପାଠ୍ୟକ୍ରମରେ କେବଳ ପାଠ ମୁଖସ୍ଥ କରିବା ନୁହେଁ, ବରଂ ଦକ୍ଷତା ଆଧାରିତ ଶିକ୍ଷଣ, ବିଷୟକୁ ବୁଝିବା, ଚିନ୍ତା କରିବା, ସମସ୍ୟା ସମାଧାନ କରିବା ଓ ନିଜ ଜ୍ଞାନକୁ ବାସ୍ତବ ଜୀବନରେ ପ୍ରୟୋଗ କରିବା ଉପରେ ଗୁରୁତ୍ୱ ରହିବ ।

# ଏମସିଏଲ୍ ପକ୍ଷରୁ 'ଅମୃତ ଫାର୍ମାସୀ'ର ଉଦ୍‌ଘାଟନ



ସମ୍ବଲପୁର, ୧/୧୦(ନିପ୍ର): ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମସିଏଲ) ପକ୍ଷରୁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ତାଳଚେର ସ୍ଥିତ ଆଞ୍ଚଳିକ ହସ୍ପିଟାଲରେ 'ଅମୃତ ଫାର୍ମାସୀ'ର ଉଦଘାଟନ କରାଯାଇଛି । ଏମସିଏଲର ନିର୍ଦ୍ଦେଶକ (ମାନବ ସମ୍ବଳ) ବିରଞ୍ଚି ଦାସ ଏହି ଫାର୍ମାସୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ସିଂହ, ମହାପ୍ରବନ୍ଧକ (କଲ୍ୟାଣ) ଜଗବନ୍ଧୁ ବେହେରା ଏବଂ ଚିକିତ୍ସା ସେବା ବିଭାଗର ମୁଖ୍ୟ ଡକ୍ଟର ଅନିଲ କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏହି ପ୍ରମୁଖ ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜରୁରୀ ଓ ଜୀବନରକ୍ଷାକାରୀ ଔଷଧ, ଇମ୍ପ୍ଲାଣ୍ଟ ଏବଂ ସର୍ଜରି ସାମଗ୍ରୀ ଅତି ସୁଲଭ ମୂଲ୍ୟରେ ଯୋଗାଇ ଦେବା, ଯାହାଫଳରେ ରୋଗୀଙ୍କ ବ୍ୟକ୍ତିଗତ ଚିକିତ୍ସା ଖର୍ଚ୍ଚ କମିପାରିବ । ଏହି ଯୋଜନା ଅଧୀନରେ ଅନେକ ସାମଗ୍ରୀ ବଜାର ମୂଲ୍ୟଠାରୁ ୫୦ ପ୍ରତିଶତରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମୂଲ୍ୟରେ ଉପଲବ୍ଧ କରାଯାଇଥାଏ । ତାଳଚେର ଆଞ୍ଚଳିକ ହସ୍ପିଟାଲରେ 'ଅମୃତ ଫାର୍ମାସୀ'ର ପ୍ରତିଷ୍ଠା ଦ୍ୱାରା ସ୍ଥାନୀୟ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ ପାଇବ । ଏହି ପଦକ୍ଷେପ ମାଧ୍ୟମରେ ଏମ୍‌ସିଏଲ୍ ନିଜର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସାଧାରଣ ଜନତାଙ୍କ କଲ୍ୟାଣ ତଥା ସହଜ ଚିକିତ୍ସା ସୁବିଧା ନିଶ୍ଚିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିଛି ।

# ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ ତାର ଚୋରି

## ୮ ଦିନ ଧରି ପାନୀୟ ଜଳ ବ୍ୟବହାରରୁ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବଞ୍ଚିତ

ପିପିଲି, ୧/୧୦(ନିପ୍ର): ସରସ୍ୱତୀପୁର ପଞ୍ଚାୟତରେ ଥିବା ୨ଟି ପାନୀୟ ଜଳ ପ୍ରକଳ୍ପରୁ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାରକୁ ଚୋରି କରିନେଇଛନ୍ତି। ଏନେଇ ପଞ୍ଚାୟତ ସରପଞ୍ଚ ସିଲି ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାଲଙ୍ଗା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସରପଞ୍ଚ ସିଲି ଜେନାଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତର ଦକ୍ଷିଣ ସାହିଠାରେ ଭାର୍ଗବୀ ନଦୀ ବନ୍ଧ ପାର୍ଶ୍ୱରେ ଓ ବାଲିଉପର ୨ଟି ଉଚ୍ଚ କ୍ଷମତା ସମ୍ପନ୍ନ ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପକୁ ଭାର୍ଗବୀ ନଦୀରୁ ମଟର ସାହାଯ୍ୟରେ ପାଣି ଯୋଗାଣ କରାଯାଇଥାଏ। ତେବେ କିଛି ଦୁର୍ବୃତ୍ତ ଗତ ୮ ଦିନ ତଳେ ଏହି ପ୍ରକଳ୍ପରୁ ମଟରକୁ ସଂଯୋଗ କରୁଥିବା ଦାମୀ



ତାରକୁ ଚୋରି କରିନେଇଛନ୍ତି। ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ପଞ୍ଚାୟତର ୫, ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପାନୀୟ ଜଳ ପାଇଁ ବଞ୍ଚିତ ହେଉଥିବା ନେଇ ଅଭିଯୋଗରେ ସରପଞ୍ଚ ଶ୍ରୀମତୀ ଜେନା ଉଲ୍ଲେଖ କରିଛନ୍ତି। ସେହିଭଳି ଦୁର୍ବୃତ୍ତମାନେ ରଥ ପୁରୁଷୋତ୍ତମପୁର ପଞ୍ଚାୟତରେ ଥିବା ଅନ୍ୟ ଏକ ପାନୀୟ ଜଳ ପ୍ରକଳ୍ପରୁ ତାର ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ ଏହିଭଳି ଅନେକ ଥର ପ୍ରକଳ୍ପରୁ ତାର ଚୋରି କରିଥିବା ନେଇ ସରପଞ୍ଚ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-10-2026

କାର୍ଯ୍ୟର ନାମ : 36 ମାସ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ DG ସେଟ୍ ଗୁଡିକର ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ : ₹ 32,76,448.61, EMD : ₹ 65,500/-, ଶେଷ ହେବା ଅବଧି: 36 ମାସ ।

ବିକ୍ରି ଆରମ୍ଭ ହେବା ତାରିଖ : ତା.05.10.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.10.2026ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡରକୁ ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଲେ ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ଦସ୍ତାବେଜ ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ସହାୟକ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ CRW/ମଞ୍ଚେଶ୍ୱର

PR-472/R/26-27


||||||||||| ପ୍ଲାଷ୍ଟିକ ବ୍ୟାନକୁ ବିତିଲାଣି ୯ ବର୍ଷ |||||||||||

# କାଗଜପତ୍ରରେ ସୀମିତ ସରକାରୀ ନିୟମ

ଭୁବନେଶ୍ୱର, ୧/୧୦(ନିପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟରେ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାନ ନିୟମର କାର୍ଯ୍ୟକାରିତାକୁ ନେଇ ପୁଣି ଥରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶାରେ ୨୦୧୮ ମସିହା ଅକ୍ଟୋବର ୨ ତାରିଖରୁ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ମହାନଗର ନିଗମ ଏବଂ ପୁରୀ ପୌରାଞ୍ଚଳରେ ପ୍ଲାଷ୍ଟିକ ବ୍ୟବହାର ଉପରେ ନିଷେଧାଦେଶ ଲାଗୁ ହୋଇଥିଲା । ପରବର୍ତ୍ତୀ ସମୟରେ, ୨୦୧୯ ଅକ୍ଟୋବର ୨ ତାରିଖରୁ ଏହି ନିୟମକୁ ସାରା ଓଡ଼ିଶାର ସମସ୍ତ ସହରାଞ୍ଚଳରେ ପୂର୍ଣ୍ଣ ଆକାରରେ କାର୍ଯ୍ୟକାରୀ କରାଯାଇଥିଲା । ତେବେ ଏହି





ଆଇନ ଲାଗୁ ହେବାର ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବେ ଫଳପ୍ରଦ ନ ହେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିବେଶ କର୍ମୀ ସୁଶାନ୍ତ ସାହୁ । ଏକ ପ୍ରେସ ବିବୃତି ଜରିଆରେ ଶ୍ରୀ ସାହୁ କହିଛନ୍ତି ଯେ, ବର୍ତ୍ତମାନ ପରିବେଶ ସମ୍ପୂର୍ଣ୍ଣ ଭାବେ ପଲିଥିନ ଓ ପ୍ଲାଷ୍ଟିକ ପଞ୍ଜାରେ ଆବଦ୍ଧ ହୋଇରହିଛି । ସରକାରୀ ସଚେତନତା କେବଳ ବାକ୍ୟରେ ସୀମିତ ରହିଯାଇଛି ଏବଂ ଏହି ଆଇନକୁ ମାନିବାକୁ କାହାରି ନିଘା ନାହିଁ । ନିଷେଧାଦେଶ ନାମରେ ପ୍ରଶାସନ କେବଳ ସାଧାରଣ ବ୍ୟବହାରକାରୀ ଓ ଛୋଟ ଦୋକାନୀଙ୍କ ଉପରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ବେଆଇନ ଉତ୍ପାଦନକାରୀ କାରଖାନା ଏବଂ ଅନ୍ୟ ରାଜ୍ୟରୁ ସୀମାନ୍ତ ଦେଇ ଆସୁଥିବା ପ୍ଲାଷ୍ଟିକ ସାମଗ୍ରୀର ପ୍ରବେଶକୁ ସମ୍ପୂର୍ଣ୍ଣ ରୋକାଯାଇପାରି ନାହିଁ । ବ୍ୟବହାରକାରୀଙ୍କ ପରିବର୍ତ୍ତେ ମୁଖ୍ୟ ଉତ୍ପାଦନକାରୀ ଓ ବଡ଼ ସପ୍ଲାୟରଙ୍କ ଉପରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାୟୋ-ଡିଗ୍ରେଡେବୁଲ୍ (ଜୈବ-ବିଘଟନଶୀଳ) କ୍ୟାରିବ୍ୟାଗ୍, କାଗଜ ଓ କପଡ଼ା ଥଳି ତିଆରି କରୁଥିବା କ୍ଷୁଦ୍ର ଶିଳ୍ପୀଙ୍କୁ ସରକାରୀ ସବସିଡି ଓ ଆର୍ଥିକ ସହାୟତା ଯୋଗାଇବା ପାଇଁ ଶ୍ରୀ ସାହୁ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

## ବାଲୁକା ଚିତ୍ରକଳା ମାଧ୍ୟମରେ କ୍ୟାପ୍ଟେନ ସ୍ମିତ ମଚ୍ଛରଙ୍କ ସାହସକୁ ସଲାମ୍

**ପୁରୀ, ୧/୧୦(ନିପ୍ର):** ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ କ୍ୟାପ୍ଟେନ୍ ସ୍ମିତ ମଚ୍ଛରଙ୍କ ସାହସ ଓ ବୀରତ୍ୱକୁ ସଲାମ୍ ଜଣାଇବା ପାଇଁ ଏକ ସୁନ୍ଦର ବାଲୁକା ଚିତ୍ରକଳା (ସ୍ୟାଣ୍ଡ ଆନିମେସନ୍) ପ୍ରସ୍ତୁତ କରିଛନ୍ତି। ପୁରୀସ୍ଥିତ ନିଜ ଷ୍ଟୁଡିଓରେ ଏହି କଳାକୃତି ପ୍ରସ୍ତୁତ କରିବାକୁ ତାଙ୍କୁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଥିଲା। ନିଜର ନିଆରା କଳା ମାଧ୍ୟମରେ ମାନସ କୁମାର ସାହୁ କ୍ୟାପ୍ଟେନ୍ ସ୍ମିତ ମଚ୍ଛରଙ୍କ ସାହସ, ଦୃଢ଼ ମନୋବଳ ଓ ସମର୍ପଣ ଭାବକୁ ସମ୍ମାନ ଜଣାଇଛନ୍ତି। ଏହି ବାଲୁକା ଚିତ୍ରକଳା ମାଧ୍ୟମରେ ସେ ସାହସ ଓ ଦୃଢ଼ ସଂକଳ୍ପର ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି।


**OFFICE OF THE PRINCIPAL, SRIRAM DEGREE COLLEGE, KASHINAGAR, DIST.GAJAPATI, ODISHA-761206**

**TENDER CALL NOTICE**

Sealed quotations are hereby invited from reputed firms having a valid GST Registration Number for the supply and installation **IT infrastructure (i5 (or above min 12th Gen) All in One Desktop=8 nos. UPS= 8nos, multi-function printer =1 nos, (23.8 inch FHD Display, Intel Core i5 Processor, 8GB DDRS RAM, 512GB SSD, Windows 11Home))** required for the development of the College infrastructure.

Preference may be given for the supply of the required items in order to ensure smooth installation, better coordination, after-sales service, and maintenance.

Sealed quotations should reach in this office of the undersigned within Seven Days from the publication of this notice via Speed Post/ Regd.. Post only. The received quotations will be opened at the Principals Office on **08-10-2026 at 03.00 PM.** in the presence of concerned authority. The authority reserves the right to reject/ cancel the quotations in whole or in part without assigning any reason Thereof.

*Sd/-*
*Principal*



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ